ମେ - ୨୦୨୧

# ଶିକ୍ଷାସୃଜନୀ



ତୁମ ପଦ ଚିହ୍ନ ବତୀ ଘର ଭଳି      ଟାଣେ ଜାତି ନନ୍ଦିଘୋଷ
ସାହିତ୍ୟ ସଂସ୍କୃତି ଶିକ୍ଷା ଜଗତର      ଅମଳିନ ପଉରୁଷ
ବିଦାରିତ ହୃଦେ ଝୁରୁ
ଶ୍ରଦ୍ଧାଞ୍ଜଳି ଦେଇ ଡ଼ାକୁ ଆଉଥରେ   ଫେରି ଆସ ସେଇପୁରୁ ।


**ବିଦ୍ୟା ଭାରତୀ**
**ଶିକ୍ଷା ବିକାଶ ସମିତି, ଓଡ଼ିଶା**




















**ଶିକ୍ଷାସୃଜନୀର ମୁଖ୍ୟ ସମ୍ପାଦକ ସ୍ୱର୍ଗତ ଡ଼. ଶ୍ୟାମସୁନ୍ଦର ମିଶ୍ରଙ୍କୁ**

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

**ଓ ଶିକ୍ଷାସୃଜନୀ ପରିବାର ତରଫରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।**

# ଶିକ୍ଷାସୃଜନୀ

## ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର

### ଚୈତ୍ର - ବୈଶାଖ


**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. କିଶୋରଚନ୍ଦ୍ର ମହାନ୍ତି**
  ସଭାପତି, ଶି.ବି.ସ., ଓଡ଼ିଶା
- **ଶ୍ରୀଯୁକ୍ତ କମଳାକାନ୍ତ ମିଶ୍ର**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା

**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା



- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


**ପ୍ରଚ୍ଛଦ ପ୍ରସଙ୍ଗ**

ତୁମ ପଦ ଚିହ୍ନ ବତୀଘର ଭଳି
ଟାଣେ ଜାତି ନନ୍ଦିଘୋଷ
ସାହିତ୍ୟ ସଂସ୍କୃତି ଶିକ୍ଷା ଜଗତର
ଅମଳିନ ପଉରୁଷ
ବିଦାରିତ ହୃଦେ ଝରୁ
ଶ୍ରଦ୍ଧାଞ୍ଜଳି ଦେଇ ଡାକୁ ଆଉଥରେ
ଫେରିଆସ ସେଇ ପୁରୁ ।


**ପରିଚାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**
- **ସଦସ୍ୟ : ଶ୍ରୀ ଧରଣୀଧର ଦାସ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ - ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ - ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର - ଶ୍ରୀ ଭାସ୍କରଚନ୍ଦ୍ର ମହାକୁଡ଼, ଚମ୍ପୁଆ
- ଦକ୍ଷିଣ - ଶ୍ରୀ ସୁଧାକର ରଣା, ଜୟପାଟଣା
- ଉତ୍ତର-ପୂର୍ବ - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ - ଶ୍ରୀ ସୁନୀଲକୁମାର ଗୌଡ଼, ଗଜପତିନଗର
- ପୂର୍ବୋତ୍ତର - ଶ୍ରୀ ପ୍ରଣୟକୁମାର ପଡ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ - ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ - ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**



**ଯୋଗାଯୋଗ ଠିକଣା :**

ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**
ଇ-୫୯, ସେକ୍ଟର-ଏ, ଜୋନ୍-ଏ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦
ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୩୯୪୪୭୭
ଫାକ୍ସ : (୦୬୭୪) ୨୫୮୫୫୬୧
Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦
ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ଶ୍ରଦ୍ଧାଞ୍ଜଳି - ଡଃ ଶ୍ୟାମସୁନ୍ଦର ମିଶ୍ର ୦୪
- ସାମ୍ପ୍ରତିକ ସମାଜରେ ମାତୃଭାଷାର ଆବଶ୍ୟକତା ୦୫
- ତପସ୍ୱୀ ହନୁମାନ ୦୭
- ପରିଚୟ ୦୮
- ବିପଦ ବେଳର ବନ୍ଧୁ ୦୯
- ଶିବାଜୀରୁ ଛତ୍ରପତି ୧୦
- ପଲ୍ଲୀ ବିଚିତ୍ରା ୧୨
- ଅକ୍ଷର ବ୍ରହ୍ମ ୧୩
- ପବିତ୍ର ବୈଶାଖ ପୂର୍ଣ୍ଣିମା ୧୪
- ସତରେ ମୁଁ କେଡ଼େ ଭାଗ୍ୟବାନ ୧୫
- ବୃହତ୍ତମ ସନ୍ତ୍ୟପାୟୀ ଜୀବ ନୀଳତିମି ୧୭
- ରୋଡ଼ ରାସ୍ତା ୧୮

**କବିତା ପସରା**

- ପଣା ସଂକ୍ରାନ୍ତି ୧୯
- କୁଳ ବୃଦ୍ଧ ମଧୁସୂଦନ ୧୯
- ଆମେ ଓଡ଼ିଆ ୨୦
- ମଧୁବାବୁ ପରି ୨୧
- ଓଡ଼ିଆ ମୋ ମାତୃଭାଷା ୨୧
- ଆମେ ସବୁ ଭାଇ ବନ୍ଧୁ ୨୨
- ଓଁ ଶ୍ରୀ ପରମାତ୍ମନେ ନମଃ ୨୩
- ପ୍ରଭାବୀ ଶିକ୍ଷଣ ସିଡ଼ି (ନିଶୁଣୀ) ୨୬
- ବିଦୁଷୀ ଲୀଳାବତୀ ୨୯
- ସମ୍ଭାଷଣାଭ୍ୟାସଃ ୩୦
- ନଭେଲ କରୋନା ଭାଇରସ୍‌ର ସଂକ୍ରମଣ.... ୩୧
- ଆୟୁର୍ବେଦ ଚିକିତ୍ସାରେ ବ୍ରାହ୍ମୀ ୩୩
- ପୂର୍ଣ୍ଣସଲଭାସନ ୩୫
- ଆମ ପ୍ରଶ୍ନ ତୁମ ଉତ୍ତର ୩୬
- ଶିକ୍ଷା ବିକାଶ ସମିତି ଓ ସମ୍ଭାଗ ପରିଚାଳନା ସମିତି ସଦସ୍ୟଙ୍କ ନାମ ୩୭
- ସମ୍ବାଦ ଚୁମ୍ବକେ ଚୁମ୍ବକେ ୪୦


## ସୁଗୁଣେ ସୁଯଶ ଅର୍ଜିବା

*ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ*

ଆମ ରାଇଜର ଜନମ ଦିନକୁ ପାଳିବା
ନୀରୋଗ ଜୀବନେ ଦୁଃଖ ଶୋକ ଯେତେ ଟାଳିବା
ବାରୁଣୀ ସିନାନ ବିଷୁବ ମିଳନ ପଣାରେ
ଦେଶ କାମେ ହେବା ଗଣାରେ ।।

ହିନ୍ଦୁନବବର୍ଷ, ଶ୍ରୀରାମ ନବମୀ ହରଷେ
ପାଳୁ ବାସନ୍ତିକ ଦଶହରା ମନ ସରସେ
ଧରିତ୍ରୀ ଦିବସ, ଚଇତି ଚାନ୍ଦର ଚମକ
ମଧୁବାବୁ ପରି ସବୁରେ ଆଗୁଆ
ହେବାକୁ ଶପଥ ଜମକ ।।

ଦେଖିବା ସପନ ପୂରା ପାଇଁ ଦେଇ ନଜର
ଶ୍ରମ ପାଇଁ କରିଯିବା ଛାତି ଆମ ବଜର
ଚାଷ ଅନୁକୂଳେ ଅକ୍ଷି ମୁଠି ନେଇ ବୁଣିବା
ଚାପରେ ଶ୍ରୀମଧୁସୂଦନ ଦେଖିକି
ଗୀତ ଗୋବିନ୍ଦକୁ ଶୁଣିବା ।।

*ସମ୍ପାଦକ*

## ରୋକ୍‌ଠୋକ୍

ଖବର କାଗଜ ରେଡିଓ ଟିଭିରେ
ଗଛ ଲଗା ଦେଖୁ ଯେତେ
ଅଦୃଶ୍ୟରେ ତାହା ପୋଛି ହୋଇଯାଏ
ରାତାରାତି ପୁଣି ସେତେ
ଧରିତ୍ରୀ ଦିବସ ବାର୍ତ୍ତା
ଭାଷଣ ସର୍ବସ୍ୱ ନ ହୋଇ କରମ
କରୁ ଆଗ ନିଜେ କର୍ତ୍ତା ।।



ସମ୍ପାଦକୀୟ



## ଉକ୍ତ ସମ୍ପାଦକୀୟ ପୃଷ୍ଠାଟି ମୁଖ୍ୟ ସମ୍ପାଦକ ⁄ଡଃ. ଶ୍ୟାମସୁନ୍ଦର ମିଶ୍ରଙ୍କ ସ୍ମୃତିରେ ଉତ୍ସର୍ଗୀକୃତ

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍

## ୰ଡକ୍ଟର ଶ୍ୟାମସୁନ୍ଦର ମିଶ୍ର

**ଆବିର୍ଭାବ :- ତା ୧୬.୦୫.୧୯୩୨ରିଖ**

**ତିରୋଧାନ :- ତା ୧୪.୦୩.୨୦୨୧ରିଖ**

ହେ ଦିବ୍ୟାତ୍ମା !

ସାଧନା ପଥରେ ଆପଣ ଥିଲେ ଉଜ୍ଜ୍ୱଳ ଜ୍ୟୋତିଷ୍କ । ବତୀଘର ଭଳି ଅନୁଗାମୀମାନଙ୍କୁ ଦିଶାଦର୍ଶନ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ନାୟକ ଭାବେ ଆପଣ ହୋଇଥିଲେ ଦଣ୍ଡାୟମାନ । ନିଜ କରସ୍ପର୍ଶରେ ବହୁ ପ୍ରତିଭାବାନ ଓ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରି ସମାଜରେ କରିଛନ୍ତି ପୂଜାଯୋଗ୍ୟ । ଓଡ଼ିଆ ଭାଷା ସାହିତ୍ୟର କାଣ୍ଡାରି ସାଜି ବାଣୀ ଭଣ୍ଡାରକୁ କରିଛନ୍ତି ସମୃଦ୍ଧ । ସରସ୍ୱତୀ ଶିଶୁ ମନ୍ଦିର ଯୋଜନାରେ କୋମଳମତି ଶିଶୁଙ୍କ ନିମନ୍ତେ ମୁଖପତ୍ରଟିଏ ପ୍ରକାଶ କରିବାର ପରିକଳ୍ପନା ତ ଥିଲା ଆପଣଙ୍କର । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଏହି ମୁଖପତ୍ର 'ଶିକ୍ଷାସୃଜନୀ'ର ମୁଖ୍ୟ ସମ୍ପାଦକ ଭାବେ ସାହିତ୍ୟର ବିଭିନ୍ନ ବିଭାଗକୁ ଅତି ସରଳ ଭାବେ ପରିବେଷଣ କରି ବହୁ ପାଠକ ସୃଷ୍ଟି କରିଯାଇଛନ୍ତି । ଶିକ୍ଷା ବିକାଶ ସମିତି, ଓଡ଼ିଶାର ପ୍ରାକ୍ତନ ସଭାପତି ଭାବେ ଆପଣ ଏହି ସଂଗଠନକୁ କରିଛନ୍ତି ବେଶ ସୁଦୃଢ଼ । ଶିକ୍ଷା, ଶିକ୍ଷାୟତନ, ଶିଶୁ ତଥା ସଂଗଠନ ପାଇଁ ଆପଣଙ୍କ ଅବର୍ତ୍ତମାନ ଅପୂରଣୀୟ କ୍ଷତି ପହଞ୍ଚାଇଛି ।

ସେହି ସଜଳ ଛବି ସ୍ମୃତିପଟକୁ ...... ସ୍ମରଣ କରି ଅନ୍ତର ବେଦନାରେ ଲୁହଫୁଲର ଶ୍ରଦ୍ଧାଞ୍ଜଳି ଭେଟି ଦେଇ ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ଈଶ୍ୱର ସହାୟ ହୁଅନ୍ତୁ ବୋଲି କରୁଛୁ ପ୍ରାର୍ଥନା ।

*ଶିକ୍ଷାସୃଜନୀ ପରିବାର*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

**ଚିନ୍ତା ଚେତନା**

# ସାମ୍ପ୍ରତିକ ସମାଜରେ ମାତୃଭାଷାର ଆବଶ୍ୟକତା

*ପ୍ରତିଭା ବଳିୟାରସିଂ*

ମାଆ ଶିଶୁକୁ ଅତି ଶ୍ରଦ୍ଧାର ସହିତ ଭାଷା ଶିକ୍ଷାଦିଏ । ଶିଶୁ ମାଆ ମୁଖରୁ ଭାଷା ଶିକ୍ଷା କରୁଥିବାରୁ ତାହାକୁ ମାତୃଭାଷା କୁହାଯାଏ । କୋମଳମତି ଶିଶୁର ମନ ଉପରେ ମାଆର ଭାଷା ଢେର ପ୍ରଭାବ ପକାଇଥାଏ ଏବଂ ଭବିଷ୍ୟତରେ ତାହାର ବ୍ୟକ୍ତିତ୍ୱ ବିକାଶରେ ବିଶେଷ ଭାବେ ସାହାଯ୍ୟ କରେ । କାରଣ ଶିଶୁର ମନ ଏକ ନରମ ମାଟି ପିଣ୍ଡୁଳା ସଦୃଶ । ସେହି ମନକୁ ଯେପରି ମାଝିମୁଝି ସୁନ୍ଦରତାର ରୂପ ଦେଇ ଗଢ଼ିବ, ତାହା ସେପରି ସୌନ୍ଦର୍ଯ୍ୟମୟ ଓ ଗ୍ରହଣଶୀଳ ହେବ । ତା' ମନ ଏତେ ପ୍ରଶସ୍ତ ଯେ ତା' ଭିତରେ ବିଶ୍ୱ ବ୍ରହ୍ମାଣ୍ଡର ସବୁକିଛି ରହିଯାଇପାରେ । ତେଣୁ କୁହାଯାଇଛି –

ଶିଶୁଟିଏ ବୋଲି ଭାବ ନାହିଁ ଜମା
ଶିଶୁ କେବେ ନୁହେଁ ନିଃସ୍ୱ
ଶିଶୁଟି ଭିତରେ ଲୁଚି ରହିଅଛି
ଏକ ଏକ ମହାବିଶ୍ୱ ।

ଶିଶୁ ଅବସ୍ଥାରେ ଆମ ଜନଜୀବନରେ ପ୍ରଚଳିତ ନାନା କିସମର ନାନା ବାୟାଗୀତ, ସେ ଆପେ ଆପେ ଶିଖିଥାଏ । ଗେହ୍ଲା ଗୀତ, ପ୍ରହେଳିକା, ସମାଜରେ ପ୍ରଚଳିତ ଲୋକରୂଢ଼ି ସେ ଆପେ ଆପେ ଶିଖିଥାଏ । ଏଗୁଡ଼ିକ ଶିଶୁର ଚରିତ୍ର ଗଠନରେ ଯେତିକି ସହାୟକ ହୁଏ ତା' ଅପେକ୍ଷା ତା'ର ମାନସିକ ଅଭିବୃଦ୍ଧିରେ ଅଧିକ ସାହାଯ୍ୟ କରେ । ଶିଶୁମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ, ଆତ୍ମିକ ଓ ନୈତିକ ବିକାଶ ପାଇଁ ଯେଉଁ ସାହିତ୍ୟ ସହାୟତା କରେ, ତାହା ହେଉଛି ଶିଶୁ ସାହିତ୍ୟ । କୌଣସି ସତ ବିଷୟକୁ ସରଳ, ସାବଲୀଳ ଓ ବୋଧଗମ୍ୟ ଭାଷାରେ ଶିକ୍ଷା ଦେବା ହିଁ ଶିଶୁ ସାହିତ୍ୟର ଉଦ୍ଦେଶ୍ୟ । ଶିଶୁ ସାହିତ୍ୟ ସହିତ ମାନବିକତା ଓ ନୈତିକତାର ସମ୍ପର୍କ ଅତ୍ୟନ୍ତ ନିବିଡ଼ । ତେଣୁ ଆମର ଭାଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ପନ୍ନ, ପରିମାର୍ଜିତ ମାତୃଭାଷା । ତେଣୁ କବିଙ୍କ ଭାଷାରେ –

ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

ଯେଉଁ ଭାଷା ମା' ଠାରୁ ଶିଶୁ ସ୍ୱତଃସ୍ଫୂର୍ତ୍ତ ଭାବେ ଶିଖେ, ତାକୁ ଆମେ ମାତୃଭାଷା ବୋଲି ଆଖ୍ୟା ଦେଉ । ସାହିତ୍ୟର ପ୍ରତିଟି ବିଭବ ଲୋକ ସାହିତ୍ୟରୁ ହିଁ ହସ୍ତାନ୍ତରିତ ହୋଇ ଆସିଛି । ନିଜ ଭାଷାର ଶବ୍ଦ ସବୁ ତେଣୁ ମଣିଷକୁ ବେଶୀ ଉଚ୍ଚାଟିତ କରେ । ଶୈଶବର ସ୍ମୃତି ସବୁକୁ ଖୋଲିଦିଏ । ମଣିଷ ଜୀବନ ଅବସ୍ଥାରେ ସବୁଠାରୁ ମଧୁର ଅଂଶ ହେଉଛି ତା'ର ଶୈଶବ ଅବସ୍ଥା । ସେହି ବୟସର ଏତେ ଉତ୍ସୁକତା, ଜୀବନ ଭୋଗର ଏତେ ବ୍ୟାକୁଳତା ତାକୁ ସତରେ ମାପି ହେବନି । ମଣିଷ ସବୁଠି ସବୁକାଳରେ ଅତୀତ ପ୍ରତି ଅଧିକ ସମ୍ମୋହିତ । ଯେ କୌଣସି କାଳର ସ୍ରଷ୍ଟାକୁ ଶୈଶବ ସୃଷ୍ଟି ହିଁ ଅଧିକ ସୃଜନଦୀପ୍ତି ଆଣିଦିଏ । ଗାଁ'ର ଜହ୍ନରାତି, ଗାଁ'ର ବର୍ଷାଜଳ ତା' ବର୍ତ୍ତୁଳ ଭୂଗୋଳ ପରି ଗାଁ ଲୋକଙ୍କ ଭାଷା ଯାବତୀୟ ଲୋକପର୍ବ ଯାହା ଆମର ମନ ଚେତନାକୁ ଭୂମି ସଂଲଗ୍ନ କରାଏ । ଆମେ ଆମ ଗ୍ରହଣ ଶୀଳତାରେ ଯେତେ ଯାଯାବର ହେଲେ ବି ଆମ ଜନ୍ମମାଟି ସହିତ ଆମର ସବୁ ସ୍ମୃତିକୁ ମନରେ ଧରି ରଖିଥାଉ । ସେହି ସ୍ମୃତି ଆମ ସଂସ୍କୃତିକୁ ଧରି ରଖିବାରେ ଅଧିକ ସହାୟତା କରେ ।

ଆଧୁନିକ ଓଡ଼ିଆ ସାହିତ୍ୟ କେବଳ ନୁହେଁ ସବୁଠି ସବୁକାଳର ସାହିତ୍ୟ ସର୍ବଦା ଐତିହ୍ୟ ବିମଣ୍ଡିତ । ଯୁଗ ଯୁଗର ସାଂସ୍କୃତିକ ଅତୀତ ସହିତ ନାନା ଭାବରେ ସଂଶ୍ଳିଷ୍ଟ । ଜଣେ ପାରଦର୍ଶୀ ଶିଳ୍ପୀ କେବଳ ଭାବ ଓ ଭାଷାର ସରଳତାକୁ ତା ଶୈଳୀର ଭୂଷଣ କରିଦେଇପାରେ ।


ସେହି ସାରଳ୍ୟର ମୂଳଉତ୍ସ ହେଉଛି ପ୍ରକୃତରେ ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ । ଲୋକଗୀତ ଲୋକମନ୍ତ୍ର ହେଉଛି ଆସକ୍ତି ସଂସାରୀର ଭାଷା । ସାରଳାଙ୍କ ଠାରୁ ସଚ୍ଚି ରାଉତରାୟଙ୍କ ପର୍ଯ୍ୟନ୍ତ ଅଧିକାଂଶ ଓଡ଼ିଆ କବି ଓ ଲେଖକ ଲୋକସଂସ୍କୃତି ଓ ସାହିତ୍ୟରୁ ନାନା ଭାବରେ ଉପାଦାନ ନେଇଛନ୍ତି । ହେଲେ ଲୋକଗୀତର ଛନ୍ଦ ଓ ପଦମାଧୁର୍ଯ୍ୟକୁ ଅବିକଳ ଅପରିବର୍ତ୍ତିତ ରଖି ପଦ ରଚନା କରିବା କ୍ଷେତ୍ରରେ ଆମ ସାରସ୍ୱତ ପରମ୍ପରାରେ ପଲ୍ଲୀକବି ନନ୍ଦକିଶୋର ବଳ ହେଉଛନ୍ତି ଜଣେ ଅଗ୍ରନାୟକ । କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଗୋଟିଏ ବର୍ଣ୍ଣରେ ଲେଖା ପ୍ରଥମରୁ ଶେଷ ଯାଏ ଗୀତ ରଚନାର ମାଧୁର୍ଯ୍ୟ ସାରା ସଙ୍ଗୀତ ଜଗତରେ ସମସ୍ତଙ୍କୁ ଆନନ୍ଦିତ କରିଥାଏ । ଯଥା –

ଝଗଡି ମାତ୍ର ହେଲ ହେ ଶ୍ୟାମ,<br>
ଝିମୁଟ ହେବାକୁ ସହସ୍ରେ ଯାମ ।<br>
ଝଲକି ଗଲ କୃଷ୍ଣ ଅକାରଣେ<br>
ଝାଡ଼ଣ୍ଡ ରସା ବାଦସା ଭଣେ ।

ଗୋପାଳକୃଷ୍ଣ ଓ ବନମାଳୀଙ୍କର ଓଡ଼ିଶୀ ସଂଗୀତ ସାରା ବିଶ୍ୱରେ ଶାସ୍ତ୍ରୀୟ ସଙ୍ଗୀତ ଭାବେ ମାନ୍ୟତା ପାଇଛି । ଲୋକଚଳଣିରେ ପ୍ରହେଳିକାର ପ୍ରୟୋଗ ବ୍ୟାପକ ଅଟେ । ଏହା ସରଳ ସାବଲୀଳ ଭାଷାରେ ଗୋଟିଏ ବସ୍ତୁର ବର୍ଣ୍ଣନାକୁ ବୁଝାଏ । ଯେମିତି – 'ମାମୁ ଘରେ ଗୋଟେ ଗାଈ, ରାତି ପାହିଲେ ମୋଟେ ନାହିଁ ।' ପ୍ରହେଳିକା ବେଳେ ବେଳେ ଢଗଢ଼ମାଳି ଆଡ଼କୁ ମାଡ଼ିଚାଲେ । ଏହାର ଆବେଦନ ପ୍ରହେଳିକା ପରି ହେଲେ ସୁଦ୍ଧା ଏହାର ସମ୍ମାର୍ଥ ଚିତ୍ତ ଆଲୋଡ଼ନକାରୀ । ଯେମତି – 'ଟିପି ଟିପି ପାଣି କାନ୍ଥକୁ ଛାଟେ, ଟୁପୁ ଟୁପୁ କଥା କଳିଜା କାଟେ ।' ଏଇ ଦୁଇଧାଡ଼ିରେ ଧୀର କଥାର ଅନ୍ତର୍ଭେଦୀ ପ୍ରଭାବ ବିଷୟରେ କୁହାଯାଇଛି । ଢଗଢମାଳିକୁ ଆମ ଲୋକ ଚଳଣିରେ ପ୍ରଚଳିତ ହେବା ଆମେ ଲକ୍ଷ୍ୟ କରିଛେ । 'ତଳ ବରଡ଼ା ଖସୁଛି ଉପର ବରଡ଼ା ହସୁଛି । ମଝି ବରଡ଼ା ଥାଇ କହୁଛି ମୋ ଦିନକାଳ ଆସୁଛି ।' ଏହି ସଚେତନତା ତାହାର ଏଠାରେ ଏକାନ୍ତ ବୋଧଗମ୍ୟ ଭାଷାରେ ବର୍ଣ୍ଣିତ । ଲୋକ ରୂଢ଼ି ମଧ୍ୟ ଅନ୍ୟତମ ଉପାଦାନ 'ତୁଚ୍ଛାକୁ ଏତେ ମୁଦି ନାହିଁ ଗୋଡ଼ କଚାଡୁ କେତେ ?' ଏମିତି ପ୍ରୟୋଗ ଶିଶୁ ସାହିତ୍ୟରେ ଅନେକତ୍ର ଦେଖିବାକୁ ମିଳେ ।

ଆମ ଉତ୍କଳୀୟ ସଂସ୍କୃତିର ବିବିଧ ପ୍ରଭାବ ସାଂପ୍ରତିକ ସାହିତ୍ୟରେ ପରିଲକ୍ଷିତ । ମୃଗୁଣୀ ସ୍ତୁତି, ମାଣବସା, ଲକ୍ଷ୍ମୀପୁରାଣ ଠାରୁ ଆରମ୍ଭ କରି ଏଯାବତ ଆମର ଯେଉଁ ସାହିତ୍ୟ କୃତି ସେସବୁ ଆମକୁ ଆବିଷ୍ଟ କରିଦିଏ, ଯାହା ଶୈଶବ ସ୍ମୃତିକୁ ଆର୍ଦ୍ର କରିଦିଏ, ଯାହା ଆମ ଚତୁର୍ଦ୍ଦିଗକୁ ଜୀବନ୍ତ କରି ତୋଳି ଧରେ ସେଥିରେ ଆମ ଲୋକସଂସ୍କୃତିର ଓ ତା'ର ଉପାଦ୍ୟ ପ୍ରତୀକର ପ୍ରଭାବ ନିହିତ । ତେଣୁ ସାମ୍ପ୍ରତିକ ସମାଜରେ ସମାଜକୁ ଉଦ୍‌ବୁଦ୍ଧ କରାଇବା ସକାଶେ ଓ ଦିଗଦର୍ଶନ ଦେବା ନିମନ୍ତେ ମାତୃଭାଷାର ଆବଶ୍ୟକତା ଅବଶ୍ୟମ୍ଭାବୀ । ମାତୃଭାଷାକୁ ଆଖ୍ୟା କରି ଜ୍ଞାନକୁ ତୃତୀୟ ନେତ୍ର ରୂପେ ବିବେଚନା କରାଯାଇଛି । ଯଦି ମାତୃଭାଷାକୁ ଦୂରେଇ ଦିଆଯାଏ ତେବେ ଗୀତା, ରାମାୟଣ, ଉପନିଷଦ, ବେଦ ଆଦି ଗ୍ରନ୍ଥର ବ୍ୟବହାରର ଅଧୋପତନ ନିଶ୍ଚିତ । ଯାହାଫଳରେ ସମାଜକୁ ଦିଗଦର୍ଶନ ଓ ମାର୍ଗଦର୍ଶନ ଦେବାର ସତ୍ତା ଲୋପ ପାଇଯିବ ।

*ସ.ଶି.ବି.ମ, ଖୋରଧା*



ପଶୁଙ୍କ ପ୍ରାୟେ ରିପୁଭାବ । କେବେହେଁ କାହିଁ ନ କରିବ ।।

**ପୁରାଣ ପୃଷ୍ଠାରୁ**

# ତପସ୍ୱୀ ହନୁମାନ

✱ ଶ୍ରୀମତୀ ବନ୍ଦନା ନାଥଶର୍ମ୍ମା

ଦିନେ ସୁଦର୍ଶନ ଚକ୍ର ଆସି ପ୍ରଭୁ ନୀଳାଦ୍ରି ବିହାରୀ ଜଗନ୍ନାଥଙ୍କୁ କହିଲେ ପ୍ରଭୁ, 'ମହାଭାରତ ଯୁଦ୍ଧ ହେଲା । ଯୁଦ୍ଧରେ ଭୀମ ଦୁର୍ଯ୍ୟୋଧନଙ୍କୁ ବଧ କଲେ, ଅର୍ଜୁନ କର୍ଣ୍ଣଙ୍କୁ ବଧ କଲେ । ମହାଭାରତରେ ଯେତେ ଯୋଦ୍ଧା ମୃତ୍ୟୁବରଣ କଲେ ଆପଣ କହିଲେ କରି କରାଉ ଥାଏ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ । ସତ କହିଲେ ପ୍ରଭୁ, ସମସ୍ତଙ୍କୁ ବୁଲି ବୁଲି ମୁଁ ବଧ କଲି କାହିଁ କେହି ତ ଜାଣିଲେନି ସୁଦର୍ଶନ ହିଁ ମହାଭାରତ ଯୁଦ୍ଧର ଶ୍ରେଷ୍ଠ ନାୟକ ବୋଲି । ପରିଶ୍ରମ କଲି ମୁଁ ଆଉ ଆପଣ ଏତେ ସ୍ୱାର୍ଥପର । କହିଲେ କ'ଣ ମହାଭାରତ ଯୁଦ୍ଧ ମୁଁ କରିଥିଲି ।' ଏହାଶୁଣି ପ୍ରଭୁ ଶ୍ରୀଜଗନ୍ନାଥ ଚୁପ୍ ରହିଲେ । ମନେ ମନେ ଚିନ୍ତା କଲେ ଏତେ ଅହଂ ଭାବ ସୁଦର୍ଶନର । ତା'ର ଏହି ଅହଂଭାବକୁ ଭାଙ୍ଗିବାକୁ ପଡ଼ିବ । ସେ ସୁଦର୍ଶନକୁ ଶାନ୍ତ୍ୱନା ଦେଇ କହିଲେ, 'ହଁ ମୁଁ ଜାଣେ ତୁମେ ହିଁ ସମସ୍ତଙ୍କୁ ମାରିଛ । ହେଲେ ତୁମେ ମୋ ଭକ୍ତ, ତୁମର ଜୟ କ'ଣ ମୋର ନୁହେଁ ?' ଏହା ଶୁଣି ସୁଦର୍ଶନ ଅତ୍ୟନ୍ତ ଗର୍ବୀ ହୋଇଗଲେ । ଦିନେ ପ୍ରଭୁ ଶ୍ରୀଜଗନ୍ନାଥ କହିଲେ, 'ସୁଦର୍ଶନ ମୋର ଗୋଟିଏ କାମ କରିବ ।' ସୁଦର୍ଶନ କହିଲେ, 'ହଁ କୁହନ୍ତୁ ପ୍ରଭୁ ।' ଜଗନ୍ନାଥ କହିଲେ, 'ମୋର ତୁମ ଭଳି ଆଉ ଜଣେ ଭକ୍ତ ଅଛି ତା'ର ନାମ ହନୁମାନ । ତୁମେ ତାଙ୍କୁ କହିବ ମୁଁ ଡାକିଛି ।' ସୁଦର୍ଶନ କହିଲେ ଏହି କଥା ତ, ଠିକ୍ ଅଛି ମୁଁ ଏବେ ଗଲି ଆଉ ସାଙ୍ଗେ ସାଙ୍ଗେ ହନୁମାନଙ୍କୁ ଧରି ଆସିଲି । ସୁଦର୍ଶନ ଯାଇ ହନୁମାନଙ୍କ ପାଖରେ ପହଞ୍ଚିଲେ । ହନୁମାନଙ୍କୁ କହିଲେ ତୁମକୁ ପ୍ରଭୁ ଜଗନ୍ନାଥ ଡାକୁଛନ୍ତି । ହନୁମାନ କହିଲେ କେଉଁ ଜଗନ୍ନାଥ ? ମୁଁ କୋଉ ଜଗନ୍ନାଥଙ୍କୁ ଚିହ୍ନି ନାହିଁ । ସୁଦର୍ଶନ କହିଲେ ତୁମର ଅତିପ୍ରିୟ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ । ସେ ହିଁ ରାମ, ସେ ହିଁ କୃଷ୍ଣ ଓ ସେ ହିଁ ଜଗନ୍ନାଥ । ହନୁମାନ ବୁଢ଼ା ହୋଇ ଗଲେଣି । ହନୁମାନଙ୍କୁ ଦେଖି ସୁଦର୍ଶନ କହିଲେ, 'ହନୁମାନ ! ତୁମେ ତ ବୁଢ଼ା ହୋଇଗଲଣି ଚାଲି ପାରିବନି । ଆସ ମୁଁ ତୁମକୁ ସାଙ୍ଗରେ ନେଇଯିବି ।' ହନୁମାନ କହିଲେ ନାହିଁ, ତୁମେ ଯାଅ ମୁଁ ଧୀରେ ଧୀରେ ପ୍ରଭୁଙ୍କ ପାଖରେ ପହଞ୍ଚିବି । ସୁଦର୍ଶନ କହିଲେ ହଉ ଯାହା ତୁମର ଇଚ୍ଛା । ସୁଦର୍ଶନ ଆସି ସିଂହଦ୍ୱାର ପାଖରେ ପହଞ୍ଚି ଦେଖିଲେ ହନୁମାନ ବସିଛନ୍ତି । ସୁଦର୍ଶନ ତାଙ୍କୁ ପଚାରିଲେ ହନୁମାନ ତୁମେ ତ ମୋ ଠାରୁ ବୟସ୍କ କିନ୍ତୁ ମୁଁ ପହଞ୍ଚିବା ପୂର୍ବରୁ ତୁମେ ଆସି ସିଂହଦ୍ୱାର ପାଖରେ କେମିତି ପହଞ୍ଚିଲ ? ହନୁମାନ କହିଲେ, 'ସୁଦର୍ଶନ ମୁଁ ସିନା ବୁଢ଼ା ହୋଇଗଲିଣି ହେଲେ ମୋ ପିତା ତ ଯୁବକ ଅଛନ୍ତି । ସେ ମୋତେ ଆଣି ଏଠି ଛାଡ଼ି ଦେଇଗଲେ ।' ସୁଦର୍ଶନ କହିଲେ ଏ କେମିତି କଥା ପୁଅ ବୁଢ଼ା ହୋଇଗଲାଣି କିନ୍ତୁ ବାପା ଯୁବକ । ହନୁମାନ କହିଲେ ସୁଦର୍ଶନ ମୋ ବାପା ପବନ ଦେବ । ସେ ତ କେବେ ବୁଢ଼ା ହେବେନି । ସେ ନିମିଷକ ମଧ୍ୟରେ ମୋତେ ଆଣି ଏଠି ଛାଡ଼ିଦେଲେ । ମୁଁ ତୁମକୁ ତ ଏଠି ଅପେକ୍ଷା କରିଛି । ହଉ ତମେ ତ ଆସିଗଲ ଏଥର ତମେ ସିଂହଦ୍ୱାର ଆଡୁ ଟିକେ ପାଖେଇ ହୁଅ । ମୁଁ ଯାଏ ପ୍ରଭୁଙ୍କୁ ଟିକେ ଦର୍ଶନ କରିଆସେ । ସୁଦର୍ଶନ କହିଲେ ନା ମୁଁ ପ୍ରଥମେ ଠାକୁରଙ୍କୁ ଦର୍ଶନ କରିବି । ଏହା କହି ସେ ପୂର୍ବଦ୍ୱାର ସମ୍ମୁଖରେ ଜଗି ଛିଡ଼ା ହେଲେ । ହନୁମାନଙ୍କୁ ଭିତରକୁ ଛାଡ଼ିଲେ ନାହିଁ । ସିଂହଦ୍ୱାର ଚାରିପଟେ ସୁଦର୍ଶନ ଚାରିଟି ଚକ୍ର ଧରି ଛିଡ଼ା ହେଲେ । ହନୁମାନ ରାଗିଗଲେ । ହନୁମାନ ସବୁକଥା ସ୍ମରଣମାତ୍ରକେ ଜାଣିପାରିଲେ । ସେ ମନେ ମନେ ଚିନ୍ତା କରି ପ୍ରଭୁଙ୍କୁ ସ୍ମରଣ କରି ପ୍ରଣାମ କଲେ ଓ ସୁଦର୍ଶନକୁ କହିଲେ ତୋର ଏତେ ସାହସ ହୋଇଗଲାଣି ତୁ ମତେ ମୋ ପ୍ରଭୁଙ୍କ ପାଖକୁ ଛାଡୁ ନାହୁଁ । ପ୍ରଭୁ ବିନା ହନୁମାନର ଗତି ନାହିଁ । ଯେ ସୂର୍ଯ୍ୟ ଭଳି ପ୍ରବଳ ପରାକ୍ରମୀ ଦେବତାଙ୍କୁ ଗିଳି ଦେଇଥିଲା ତାଙ୍କୁ ଏହି ଚକ୍ରର ଧମକ ଦେଖାଉଛୁ । ଏହା କହି ସେ ସୁଦର୍ଶନର ୪ଟି ଯାକ ଚକ୍ରକୁ ଢୋକିଦେଲେ ଓ ପ୍ରଭୁଙ୍କ ପାଖରେ ପହଞ୍ଚିଲେ । ହନୁମାନ ପଚାରିଲେ, ପ୍ରଭୁ ! ମୋତେ କାହିଁକି ମନେ ପକାଇଲେ । ପ୍ରଭୁ କହିଲେ ତୁମେ ତ ଆସିଲ ସୁଦର୍ଶନ କୁଆଡ଼େ ଗଲେ । ସୁଦର୍ଶନ ଆସି ପହଞ୍ଚିଲେ । ତାଙ୍କ ମୁହଁରେ ବିଷାଦର ଛାୟା ଦେଖି ପ୍ରଭୁ ପଚାରିଲେ ସୁଦର୍ଶନ ତୁମ ଚକ୍ର କାହିଁ ? ସୁଦର୍ଶନ କହିଲେ ପ୍ରଭୁ ଆପଣଙ୍କ ଆଦେଶ ପାଳନ କରି ହନୁମାନଙ୍କୁ ଡାକିବାକୁ ଗଲି ହେଲେ ସେ ହନୁମାନ କହିଲା ପ୍ରଥମେ ସେ ଆପଣଙ୍କୁ ଦର୍ଶନ କରିବ । ମୁଁ କହିଲି ମୁଁ ପ୍ରଭୁଙ୍କର ବଡ଼ ଭକ୍ତ ତେଣୁ ମୁଁ ଆଗେ ଦର୍ଶନ କରିବି । ହନୁମାନ ସେଥିରେ ରାଗିଯାଇ ମୋର ଚକ୍ରକୁ ଗିଳି ଦେଇଛି । ପ୍ରଭୁ ଆପଣ ଏହାର ବିଚାର କରନ୍ତୁ । ଏହା ଶୁଣି ପ୍ରଭୁ ସ୍ମିତ ହାସ୍ୟ ହସି କହିଲେ ହନୁମାନ ତୁମେ ଶୀଘ୍ର ସୁଦର୍ଶନଙ୍କର ଚକ୍ରକୁ ପାଟିରୁ ବାହାର କର । ପ୍ରଭୁଙ୍କର ଆଜ୍ଞା ପାଇ ହନୁମାନ ଚକ୍ରକୁ ପାଟିରୁ ବାହାର କରିଦେଲେ । ପ୍ରଭୁ କହିଲେ ଦୋଷ ଦି ଜଣଙ୍କର ଦଣ୍ଡ ବି ଦି ଜଣ ପାଇବା ଦରକାର । ପ୍ରଭୁ ହନୁମାନଙ୍କୁ କହିଲେ ତୁମେ କାହିଁକି ସୁଦର୍ଶନଙ୍କର ଚକ୍ରକୁ ଗିଳି ଦେଲ ? ଯଦି ଗିଳି ଦେଇଛ ତାହେଲେ ଆଜିଠାରୁ ସିଂହଦ୍ୱାରର ଦକ୍ଷିଣ ଦ୍ୱାରରେ ତୁମେ ସୁଦର୍ଶନଙ୍କର ୪ଟି ଚକ୍ରକୁ ତୁମର ଚାରି ହାତରେ ଧରି ରହିବ । ହନୁମାନ କହିଲେ ପ୍ରଭୁ ଯଦି ମୋର ଚାରି ହାତରେ ମୁଁ ଚାରିଟି ଚକ୍ର ଧରିବି ତାହେଲେ ମୁଁ କିପରି ଆପଣଙ୍କ ନାମ ଭଜନ କୀର୍ତ୍ତନ କରିବି ? ପ୍ରଭୁ କହିଲେ ହଉ ଠିକ୍ ଅଛି ମୁଁ ତୁମକୁ ଆଉ ଚାରିଟି ହାତ ଦେଉଛି । ସିଂହଦ୍ୱାରରେ ତୁମେ ସେହି ଚକ୍ର ଧରି ଜପ କରିବ । ତୁମକୁ ସମସ୍ତେ ତପସ୍ୱୀ ହନୁମାନ ବୋଲି ଜାଣିବେ । ସୁଦର୍ଶନଙ୍କୁ ତ ପୁଣି କିଛି ଦଣ୍ଡ ମିଳିବା ଦରକାର । ମୁଁ ତୁମକୁ ଡାହାଣ ହାତରେ ଧରିକି ସବୁଆଡ଼େ ଯିବାରୁ ତୁମର ଅହଂକାର ହୋଇଗଲାଣି, ଆଜିଠାରୁ ତୁମେ ମୋର ବାମ ପାର୍ଶ୍ୱରେ ଏକ ଖମ୍ବ ହୋଇ ରହିବ । ତମେ ମହାଭାରତ ଯୁଦ୍ଧରେ ମୋର ଯେଉଁ ସାହାଯ୍ୟ କରିଛ ସେଥିପାଇଁ ମୁଁ ଖୁସି ହୋଇ ତୁମକୁ ମୋର ମସ୍ତକରେ ସ୍ଥାପନ କରୁଛି । ଶ୍ରୀମନ୍ଦିର ଉପରେ ତୁମେ ରହିବ । ତୁମକୁ ସମସ୍ତେ ନୀଳଚକ୍ର ରୂପେ ଜାଣିବେ । ସବୁ ଭକ୍ତ ପ୍ରଥମେ ମୋତେ ଦର୍ଶନ କରିବା ପୂର୍ବରୁ ତୁମର ନୀଳଚକ୍ରକୁ ଦେଖିବେ । ଯେତେ ଭକ୍ତ ମୋ ପାଖକୁ ଆସିବେ ସମସ୍ତେ ତୁମକୁ ଦେଖିବେ ଆଉ ହନୁମାନଙ୍କୁ ଦେଖିବେ । ତପସ୍ୱୀ ହନୁମାନ ନାମରେ ତାଙ୍କୁ ଦୁନିଆ ଜାଣିବ ।

*ଆଚାର୍ଯ୍ୟା*
*ସ.ଶି.ବି.ମ., ନୂଆବଜାର, କଟକ*

ଏଣୁ ଏ ନରଦେହ ପାଇ । ଯାବତ ମୃତ୍ୟୁ ନ ଘଟଇ ।।

ଗପ ଗଜରା

# ପରିଚୟ

*ଶ୍ରୀମତୀ ସଙ୍ଗୀତା ମିଶ୍ର (ଶତପଥୀ)*

ସଦେଇର ମନ ଆଜି ଭାରି ଖୁସି । ଖୁସିରେ ତା' ପାଦ ଆଜି ତଳେ ଲାଗୁନି । ମନ ଯେମିତି ଗଗନପବନରେ ଉଡ଼ିଯାଉଛି । ତା' ଜୀବନଯାକର ଶ୍ରମ ଆଜି ସଫଳ ହୋଇଛି । ତା' ପୁଅ ସୁବୋଧ ଆଜି ଇଂଜିନିୟର ହୋଇ ଫେରୁଛି । ଗର୍ବରେ ତା' ଛାତି କୁଣ୍ଢେ ମୋଟ ହୋଇଯାଉଛି । ସାରା ଗାଁରେ ପୁଅ ତା'ର ମଥା ଉଚ୍ଚ କରି ଦେଇଛି । ଦିନ ମଜୁରିଆ ସଦେଇର ପୁଅ ଆଜି ସୁବୋଧ ବାବୁ ।

ଆଜି ସଦେଇ କାମକୁ ଯାଇନି । ପୁଅ ତା'ର ଏତେ ଦିନରେ ଘରକୁ ଆସିବ । ପୁଅ ପସନ୍ଦର ସବୁ ଜିନିଷ ଯୋଗାଡ଼ କରି ରଖିବାକୁ ତା' ସ୍ତ୍ରୀ ସେବକୁ କହିଛି । ସେବ ବି ଭାରି ଯତନରେ ପଖାଳ, ଚୁନା ମାଛ, ରାଇ, ଶାଗଭଜା, ବାଇଗଣ ପୋଡ଼ା, ବଡିଭଜା କରି ରଖିଛି ପୁଅ ଆସିଲେ ଖାଇବ ବୋଲି । ବେଳ ସଅଳ ସଦେଇ ସାଇକେଲ ନେଇ ଷ୍ଟେସନକୁ ଯାଇଛି ପୁଅକୁ ଆଣିବାକୁ ।

ପୁଅ ବି ନାଳବନ୍ଧ ରାସ୍ତାରେ ଆସିଲା ବେଳେ ମନେ ପକାଉଥିଲା ତା ପିଲାଦିନକୁ । ଯେଉଁ ସାଇକେଲରେ ବାପା ଦିନେ ତାକୁ ସ୍କୁଲକୁ ଛାଡ଼ିବାକୁ ନେଉଥିଲେ, ଆଜି ସେଇ ପୁରୁଣା ସାଇକେଲରେ ସେ ବାପାଙ୍କ ସହ ଅନେକ ଦିନ ପରେ ଫେରୁଛି । ବାପାଙ୍କ ସହ ସାଇକେଲରେ ବସିବାର ମଜା ଓ ଆନନ୍ଦ ସତରେ ନିଆରା ।

ପୁଅକୁ ଦେଖି ସେବ ଲୁଗା କାନିରେ ପୁଅର ମୁହଁ ପୋଛି ପକାଇଲା । ସୁକୁ ସୁକୁ ହୋଇ କାନ୍ଦି କହିଲା ଯେ ଗଳାମାଳି ତା'ର ଶୁଖି କଳାକାଠ ପଡିଯାଇଛି ବୋଲି । ଖିଆ ପିଆ ସରିଲା । ସୁବୋଧ କହିଲା, ବାପାବୋଉ ମୋ ସହ ଚାଲ ଯିବ । ମୋତେ ତ ସରକାରୀ କ୍ୱାଟର ମିଳିଛି । ମୋଟା ଅଙ୍କର ଦରମା ବି ମିଳିବ । ତମେ ଆଉ ଖରାତରାରେ ଖଟିବ କାହିଁକି ।

ସଦେଇ କହିଲା ନା ନା ମୋ ଭିଟାମାଟି ଛାଡ଼ି ମୁଁ କୁଆଡ଼େ ଯିବିନି । ସାତ ପୁରୁଷ ଘର ଇଏ ମୋର । ଏଠି ମୋ ବାପ, ଗୋସି ବାପଙ୍କ ଜନମ । ଏ ମାଟି ହେଉଛି ମୋ ମାଆ । ତାରି ଛାତିରେ ଭରି ରହିଛି ସୁନା । ତାରି କୋଳରେ ତ ଅଛି ସରଗ ସୁଖ । ଏଇ ମାଟି ସହ ମାଟି ହୋଇ କାମ କରି ତ ଆମେ ତତେ ମଣିଷ ପରି ମଣିଷଟିଏ କରିପାରିଛୁ । ମୋ ପରି ଦିନ ମଜୁରିଆମାନଙ୍କ ଶ୍ରମରେ ତ ଆମ ଦେଶ ତିଆରି । ଚଷା ଭାଇ ବି ମାଟିର ଛାତିଚିରି ସୁନା ଫସଲ ଅମଳ କରି ଜଗତ ଲୋକଙ୍କ ତୁଣ୍ଡରେ ଆହାର ଦେଉଛି । ମୋ ପରି ଦିନ ମଜୁରିଆର ହାଡ଼ ଭଙ୍ଗା ଖଟଣି ଫଳରେ ସହର, ବଜାର ରାସ୍ତାଘାଟ, ମନ୍ଦିର, ବଡ଼ ବଡ଼ କୋଠା, କଳକାରଖାନା, ଯନ୍ତ୍ରପାତି ଆଦି ସବୁ ତିଆରି ହେଉଛିରେ ଧନ ।

'ଶ୍ରମିକଟିଏ ମୁଁ ଶ୍ରମିକଟିଏ
ଚାଲିଛି ଚାଲିବି ନ ପଡ଼ିବି ଥକି
ଜୀବନର ଶେଷ ନିଃଶ୍ୱାସ ଯାଏ ।
ଚାଲିଛି ବୋଲି ମୁଁ ଗଢ଼ା ତ ମନ୍ଦିର
ଅଟ୍ଟାଳିକା ଠାରୁ ସଡ଼କ ଯାଏ
ମୋ ଚାଲିବା ସାଥେ ଦେଶ ଚାଲୁଥାଏ
ଉଚ୍ଚେ ଟେକି ତା'ର ମଥାଟିଏ ।'

ଶ୍ରମିକଟିଏ ମୁଣ୍ଡଝାଳ ତୁଣ୍ଡରେ ମାରି ପରିଶ୍ରମ କରି ଚାଲୁଛି ବୋଲି ତ ଦେଶ ଚାଲୁଛି । ହେଉ ପଛେ ମୋ ପରିଚୟ ଦିନ ମଜୁରିଆ । ହଉ ପଛେ ମୋ ନାଁ ଶ୍ରମିକ । ମୋ କାମରେ ମୁଁ ଖୁସି । ପରିଶ୍ରମ କରି ମୁଁ ପାଏ ଅମାପ ଶାନ୍ତି । ମୋ ବଳ ବୟସ ଥାଉ ଥାଉ ଶ୍ରମ ବିମୁଖ କିଆଁ ହେବି, ଭିଟାମାଟି ଛାଡ଼ି ତୋ ପାଖରେ ସହରରେ ଏକୁଟିଆ ବସି ରହିବି କାହିଁକି ?

ସୁବୋଧ ବାପାଙ୍କୁ କୁଣ୍ଢାଇ ପକାଇ କହିଲା, ହଁ ବାପା ତମେ ଠିକ୍ କହିଛ । ପ୍ରକୃତରେ ଶ୍ରମିକ ହେଉଛି ଏ ଦେଶ ନିର୍ମାଣକର୍ତ୍ତା । ମୁଁ ଏ ଗହନ କଥାଟି ବୁଝିପାରି ନ ଥିଲି । ତମେ ମୋ ଆଖି ଖୋଲିଦେଲ ।

*ଆଚାର୍ଯ୍ୟା*
*ସ.ଶି.ବି.ମ., ଚନ୍ଦନପୁର, ପୁରୀ*

# ବିପଦ ବେଳର ବନ୍ଧୁ

*ଶ୍ରୀ ତପନ କୁମାର ସ୍ୱାଇଁ*

ଜଙ୍ଗଲ ପାଖରେ ଗାଁଟିଏ ଥିଲା । ସେହି ଗାଁରେ ଜଣେ ଗରିବ ବ୍ରାହ୍ମଣଟିଏ ରହୁଥିଲେ । ଗରିବ ବ୍ରାହ୍ମଣ ଖୁବ ଦୟାଳୁ ଏବଂ ଧର୍ମବିଶ୍ୱାସୀ ଥିଲେ । ଦିନସାରା ବୁଲି ବୁଲି ଯାହା ଭିକ୍ଷା କରି ଆଣନ୍ତି ତାହାକୁ ରାତିରେ ବସି ଖାଆନ୍ତି । ଅବଶିଷ୍ଟ ସାଇତି ରଖନ୍ତି ।

ଦିନେ ରାତିରେ ଶୁଣିଲେ ବାହାରେ ବିଲୁଆଟିଏ ଭୁକୁଛି । କବାଟ ଖୋଲି ବାହାରକୁ ଯାଇ ପଚାରିଲେ, ବିଲୁଆ ନନା ତମେ ଜଙ୍ଗଲରେ ନ ଭୁକି ଏଠାରେ କାହିଁକି ଭୁକୁଛ ?

ଭୋକିଲା ବିଲୁଆଟି କହିଲା ବ୍ରାହ୍ମଣ ଦେବତା ମୋତେ ଖୁବ ଭୋକ । କିଛି ଶିକାର ପାଇ ନାହିଁ ଆଜକୁ ତିନି ଦିନ ହେବ । ଭୋକରେ ମୋର ପ୍ରାଣ ଚାଲିଯିବ । ଆପଣ ତ ଦୟାଳୁ ଦେବତା । ଦୟା କରି କିଛି ଖାଇବାକୁ ଦିଅ ।

ଏହା ଶୁଣି ବ୍ରାହ୍ମଣ ବିଲୁଆର ଦୁଃଖରେ ଦୁଃଖୀ ହୋଇ ପେଟ ଭରି ଖାଇବାକୁ ଦେଲେ । ବିଲୁଆ ଖୁସି ହୋଇ କହିଲା, ବ୍ରାହ୍ମଣ ଦେବତା ! ଆପଣଙ୍କ ଋଣ ଦିନେ ନା ଦିନେ ଶୁଝି ଦେବି । ଆପଣଙ୍କ ଉପକାର କେବେ ଭୁଲିବି ନାହିଁ । ଏହା କହି ଜଙ୍ଗଲକୁ ଚାଲିଗଲା ।

ଦିନକର କଥା ଜଣେ ଶିକାରୀ ଯନ୍ତା ବସାଇ ଥାଏ ଜଙ୍ଗଲ ଭିତରେ । ଯନ୍ତାରେ ବଡ଼ ମାଛଟିଏ ରଖିଥାଏ । ମାଛଟିକୁ ଖାଇବାକୁ ଭାଲୁଟି ଯନ୍ତା ଭିତରେ ଯେମିତି ପଶିଗଲା ଯନ୍ତା ବନ୍ଦ ହୋଇଗଲା । ସକାଳୁ ଜଙ୍ଗଲ ରାସ୍ତାବାଟେ ଲୋକମାନେ ଯାଉଥାନ୍ତି । ଯନ୍ତାରେ ପଡ଼ିଥିବା ଭାଲୁଟି ବିକଳ ହୋଇ ଡାକୁଥାଏ । ତା' କଥା କିଏ ବା କାହିଁକି ଶୁଣିବ । କିଛି ସମୟ ପରେ ଗରିବ ବ୍ରାହ୍ମଣଜଣକ ସେହି ବାଟ ଦେଇ ଗଲେ । ଭାଲୁର ବିକଳ ଡାକ ଶୁଣି ସେ ଭାଲୁ ପାଖକୁ ଗଲେ । ଭାଲୁଟି କହିଲା, "ଦୟାକରି ମୋତେ ଖୋଲିଦିଅ । ମୁଁ ତୁମର କିଛି କ୍ଷତି କରିବି ନାହିଁ ।" ଦୟାଳୁ ବ୍ରାହ୍ମଣ ଦୟାପରବଶ ହୋଇ ଯନ୍ତାର ଦ୍ୱାର ଯେମିତି ଖୋଲିଦେଲେ । ଭାଲୁଟି ହସି ହସି କହିଲା, ରେ ମୂର୍ଖ ମଣିଷ ଭାଲୁ ହାବୁଡ଼ରୁ କ'ଣ କିଏ ଆସିଛି ? ବ୍ରାହ୍ମଣ ଭୟରେ ଥରିବାକୁ ଲାଗିଲେ । ଜୀବନ ବିକଳେ ଦୌଡିଲେ ।

ସେ ଦେଖିଲେ ସେଇ ବାଟରେ ବିଲୁଆଟି ଆସୁଛି । ବ୍ରାହ୍ମଣ କହିଲେ ନନା ମୋତେ ରକ୍ଷା କର । ଏହି ସମୟରେ ଭାଲୁ ଆସି ପହଞ୍ଚିଗଲା । ବିଲୁଆ କହିଲା ରୁହ ରୁହ । ଏହାର କିଛି ଗୋଟେ ସମାଧାନ କରିବା । ଆମର ତ ଜଙ୍ଗଲର ରାଜା ସିଂହ । ତେଣୁ ତାଙ୍କ ପାଖକୁ ଯିବା ସେ ଯାହା ନ୍ୟାୟ କରିବେ ତାକୁ ମାନିବାକୁ ପଡ଼ିବ ।

ତିନିଜଣ ଯାକ ଚାଲିଲେ ସିଂହ ରାଜାଙ୍କ ପାଖକୁ । ସିଂହ ଗୁମ୍ଫାରୁ ବାହାରି କୁଆଡ଼େ ଯାଇଥାଏ । ଚତୁର ବିଲୁଆ କହିଲା, ତୁମେ ଦୁଇ ଜଣ ଦୁଇଟି ଗୁମ୍ଫାରେ ରୁହ । ଏହି ଗୁମ୍ଫା ଭିତରେ ବସି ଅପେକ୍ଷା କର ରାଜାଙ୍କ ଆସିବା ପର୍ଯ୍ୟନ୍ତ । ଭାଲୁ ଓ ବ୍ରାହ୍ମଣ ଯେମିତି ଗୁମ୍ଫା ଭିତରେ ପଶିଲେ, ବିଲୁଆ ଭାଲୁର ଗୁମ୍ଫା ଦ୍ୱାର ମୁହଁରେ ପଥରଟେ ରଖି ଦେଲା । କହିଲା, ଭାଲୁ ମଉସା ଏଣିକି ସବୁଦିନ ପାଇଁ ସେଇ ଗୁମ୍ଫା ଭିତରେ ବସିଥାଅ । ଆମେ ଚାଲିଲୁ । ଚତୁର ବିଲୁଆ ଓ ବ୍ରାହ୍ମଣ ସେଠାରୁ ଖସି ପଳାଇ ଆସିଲେ । ବ୍ରାହ୍ମଣ କହିଲେ, ନନା ତମେ ଆଜି ନ ଥିଲେ ମୋର ଜୀବନଟା ଯାଇଥାନ୍ତା । ବିଲୁଆ କହିଲା, ନା ନା ବ୍ରାହ୍ମଣ ଦେବତା ତମେ ଦିନେ ମୋର ଜୀବନ ରକ୍ଷା କରିଥିଲ । ଆଉ ଆଜି ତୁମକୁ ଏ ବିପଦରେ ଛାଡି ଚାଲିଯିବା କ'ଣ ପାପ ହୋଇ ନ ଥାନ୍ତା ? କଥାରେ ପରା ଅଛି ବିପଦ ବେଳର ବନ୍ଧୁ ପ୍ରକୃତ ବନ୍ଧୁ ।

*ମଣିଜଙ୍ଗା, ଜଗତସିଂହପୁର*

**ମରଣ ମୁଖୁଁ ବେଗେ ତର । ମନୁଷ୍ୟ ଦେହ ନୋହେ ଚିର ॥**

**ଆମ ମହାପୁରୁଷ**

# ଶିବାଜୀରୁ ଛତ୍ରପତି

*ରାସେଶ୍ୱର ମହାନ୍ତ*



ଏ ଜୀବନ ମିଥ୍ୟା ନୁହେଁ ପୀଠ ସାଧନାର
କର୍ମୀ ଯିଏ ଏହି କ୍ଷେତ୍ରେ ସିଦ୍ଧି ହୁଏ ତା'ର ।
ମଣି ଜୀବନକୁ ସତ୍ୟ-କଠୋର-ବାସ୍ତବ
କର କର୍ମେ ନିୟୋଜିତ ସର୍ବ ଶକ୍ତି ତବ ।

ଏହି ଶାଶ୍ୱତ ବାଣୀଟି ଯୁଗଯୁଗାନ୍ତରର । ସମସ୍ତଙ୍କ ଲାଗି ପ୍ରଯୁଜ୍ୟ । ଏହି ସାଧନାର ପଥ ମଣିଷକୁ ମାନବରୁ ଅତିମାନବରେ ପରିଣତ କରିଦେଇ ପାରେ । ଏହାର ପ୍ରତିଟି ଶବ୍ଦର ବାସ୍ତବ ରୂପ ଦେଇ ପାରିଥିଲେ ମହାରାଷ୍ଟ୍ର ମରହଟ୍ଟା ପରିବାରର ଜଣେ ରାଜପୁତ୍ର ଶିବାଜୀ । ଆଜି ଆମେ ଯାହାକୁ ଛତ୍ରପତି ଶିବାଜୀ ନାମରେ ଜାଣୁଛୁ ।

ଶୈଶବରୁ ମା' ଜୀଜାବାଈ ତାଙ୍କୁ ଅତି କଠୋରତାର ସହ ସାହସ ଓ ଭକ୍ତି ମାର୍ଗରେ ଗଢ଼ିଥିଲେ । ଶୈଶବର ସେହି ଶିକ୍ଷା ତାଙ୍କ ଜୀବନ ଶୈଳୀକୁ ଏଭଳି ଟାଣ ମୂଳଦୁଆ ଉପରେ ପ୍ରତିଷ୍ଠା କରିଥିଲା ଯେ ସେ ମରାଠା ସାମ୍ରାଜ୍ୟର ଶ୍ରେଷ୍ଠ ଆସନରେ ଆସୀନ ହୋଇ ପାରିଥିଲେ । ପ୍ରଚଣ୍ଡ ସ୍ୱାଭିମାନ, ଜାତି ଧର୍ମ ପ୍ରତି ଭକ୍ତି ଏତେ ଦୃଢ଼ କରିଥିଲା ଯେ ସେ ଜଣେ ବିଚକ୍ଷଣ ସୁଶାସକ ହୋଇ ମରହଟ୍ଟା ଜାତିର ବିଜୟ କେତନକୁ ଖୁବ୍ ଉଚ୍ଚରେ ଉଡ଼ାଇ ପାରିଥିଲେ ।

ସମ୍ରାଟ ହେଲା ପରେ ମଧ୍ୟ ଗୁରୁ ରାମଦାସଙ୍କ ଆଜ୍ଞାରେ ଭିକ୍ଷୁକ ବେଶ ଧରି ରାଜ୍ୟର ଦ୍ୱାର ଦ୍ୱାର ଭିକ୍ଷା ମାଗି ଗୁରୁଙ୍କ ଚରଣରେ ଦକ୍ଷିଣା ଦେଇଥିଲେ । କୈଶୋରାବସ୍ଥାରେ ପିତା ସାହାଜୀଙ୍କ ସଙ୍ଗେ ଦରବାରକୁ ଯିବା ପଥରେ ଗୋ ହତ୍ୟା ପାଇଁ ଉଦ୍ୟମ କରୁଥିବା ଜହ୍ଲାଦକୁ ନିର୍ମମ ଆଘାତ କରି ତାକୁ ପଙ୍ଗୁ କରିଦେଇଥିଲେ । ଅନେକ ଥର ମୋଗଲ ବାଦଶାହାଙ୍କ ବିଭିନ୍ନ ଯୋଜନାକୁ ପଣ୍ଡ କରି ଶାସକ ଗୋଷ୍ଠୀକୁ ନାକେଦମ କରି ଦେଇଥିଲେ । ବନ୍ଦୀଶାଳାରୁ ଖସିବାର ଯେଉଁ ଅନୁପମ କୌଶଳ ସର୍ଜନା କରିଥିଲେ ଏ ସବୁ ଦେଖି ବାଦଶାହା ମାନେ ତାଙ୍କୁ ପାହାଡ଼ୀ ମୂଷା ଆଖ୍ୟା ଦେଇଥିଲେ ।

ଶିବାଜୀଙ୍କର ବୀରତ୍ୱର ପଟାନ୍ତର ନାହିଁ । ନିଜେ ଦୁଃସାହସୀ ବୀର ହେବା ସଙ୍ଗେ ସଙ୍ଗେ ତାଙ୍କର ମରହଟ୍ଟା ସୈନ୍ୟ ବାହିନୀକୁ ଚଳାଇବା ବେଶ କୌଶଳପୂର୍ଣ୍ଣ ଥିଲା । ଗରିଲା ଯୁଦ୍ଧ କୌଶଳ ନିକଟରେ ଅସ୍ତ୍ରଶସ୍ତ୍ର ସଜ୍ଜିତ ମୋଗଲ ବାହିନୀ ଭୟଭୀତ ରହୁଥିଲା । ସୁସଂଗଠିତ ଚତୁର ସୈନ୍ୟବଳ ନେଇ ଦୁର୍ଗ ପରେ ଦୁର୍ଗ ଅଧିକାର କରି ନିଜକୁ ଛତ୍ରପତି ଶିବାଜୀ ରୂପେ ପ୍ରତିଷ୍ଠା କରି ପାରିଥିଲେ ।

ସୈନ୍ୟ ଦଳକୁ ସର୍ବଦା ଉତ୍ସାହର ବାଣୀ ଶୁଣାଇ କହୁଥାନ୍ତି ଯେ - ଏ ଭାରତ ଭୂମି ଆମର ଜନନୀ ପୁଣ୍ୟ ଭୂମି ନାହିଁ ସରି ଏହାର ଅମୂଲ୍ୟ ଦୁର୍ଲଭ ରତନର ଖଣି ସବୁଦେଶ ମଧ୍ୟେ ଏ ଦେଶ ସାର ।

ମରହଟ୍ଟା ଶକ୍ତିର ଅତୀତ ସ୍ମରଣ କରି ଶୁଣାଇଛନ୍ତି -

ଶୁଣି ଅଛ ଯୋଧେ ଦୁର୍ଗାବତୀ କଥା
ଶୁଣିଛ ତ ତା'ର ଧିର ସାହସ
ନାରୀ ହୋଇ ଯୁଦ୍ଧେ ଦେଲା ନିଜ ଶିର
ଜୀବନ୍ତେ ନ ହେଲା ଯବନ ବଶ ।
ସରିକି ନୋହିବ ସେହି ଅବଳାର
କ୍ଷତ୍ରିୟ ବୋଲାଅ ଅଟ ପୁରୁଷ
ଦାସତ୍ୱ ଶୃଙ୍ଖଳ ପିନ୍ଧିବ ଗଳାରେ
ସ୍ଥିରେ କି ସହିବ ରିପୁ ଅଙ୍କୁଶ ।


ଶରୀର ବଜ୍ର ଠାରୁ କଠିନ ମାତ୍ର ହୃଦୟ ଲହୁଣୀରୁ କୋମଳ

ଦାକ୍ଷିଣାତ୍ୟର ଏକ ଛୋଟ ରାଜ୍ୟ ବେଲ୍ଲାରୀ । ମଲ୍ଲବାଈ ସେ ରାଜ୍ୟର ରାଣୀ । ଶିବାଜୀ ସେ ରାଜ୍ୟ ଜୟ କରି ରାଣୀଙ୍କୁ ବନ୍ଦୀ ରୂପେ ନେଇ ଆସିଲେ । ଦିନେ ବନ୍ଦୀଶାଳାରୁ ମଲ୍ଲବାଈଙ୍କୁ ସସମ୍ମାନେ ଦରବାରକୁ ଆଣିବାର ଆଜ୍ଞା ଦେଲେ । ରାଜାଜ୍ଞାରେ ଦ୍ୱାରପାଳ ଯାଇ ଏକଥା ଜଣାଇବାରୁ ମଲ୍ଲବାଈ କହିଲେ - ପରାଜିତା ଜଣେ ବନ୍ଦିନୀ ପ୍ରତି ଏ ସମ୍ମାନ ପ୍ରଦର୍ଶନର ଅର୍ଥ କେବଳ ଅପମାନ । ଯାଅ ଶିବାଜୀଙ୍କୁ ଖବର ଦେବ ମୋତେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିବେ । କର୍ମଚାରୀଠାରୁ ଏହା ଶୁଣିବା ମାତ୍ରେ ଶିବାଜୀ ବନ୍ଦୀଶାଳାରେ ପହଞ୍ଚି କରଯୋଡି କହିଲେ, "ହେ ମହୀୟସୀ ! ଆପଣଙ୍କ ଭଳି ବିରାଙ୍ଗନାଙ୍କୁ ଶିବାଜୀ କେବେ ଅପମାନ କରି ପାରିବ ନାହିଁ । ମୁଁ ମୋ ଜନନୀର ସ୍ୱାଭିମାନ ଆପଣଙ୍କ ଠାରେ ପାଇଛି । ଆପଣଙ୍କୁ ମୋର ସ୍ନେହମୟୀ ମା'ର ଆସନରେ ଆସୀନ କରୁଛି । ଏବେ ଠାରୁ ଆପଣ ମୋର ମାଆ । ଏ ଅବୋଧ ଶିଶୁଟିକୁ କ୍ଷମା ଦେଇ କ'ଣ ଆଶୀର୍ବାଦ କରିପାରିବେ ନାହିଁ ?" ଏକଥା କହୁ କହୁ ସେ ଅଶ୍ରୁସିକ୍ତ ହୋଇ ନତଜାନୁ ହୋଇପଡ଼ିଲେ । ଏ ଆବେଗଭରା ବାଣୀ ମଲ୍ଲବାଈଙ୍କୁ ସ୍ତବ୍ଧ କରିଦେଲା । ସ୍ନେହର ଆବେଗରେ ଶିବାଜୀଙ୍କୁ ଉଠାଇ ମସ୍ତକ ଚୁମି କହିଲେ - ପୁଅ ! ବାସ୍ତବରେ ତୁ ଛତ୍ରପତି । ଏହି ଛତ୍ର ତଳେ ସମଗ୍ର ମରାଠା ଶକ୍ତି ସଂଗଠିତ ହୋଇ ଦେଶର ସ୍ୱାଧୀନତାକୁ ଅଖଣ୍ଡ ରଖି ପାରିବେ । ଆଶୀର୍ବାଦ କରୁଛି ଯଶସ୍ୱୀ ହୁଅ ।

ଶିବାଜୀ ଦେଶରେ ନୌସେନା ଗଠନର ମୂଳଦୁଆ ପକାଇଥିଲେ । ନିଜର ଏକ ନୌ ସେନା ନେଇ କୌଶଳପୂର୍ଣ୍ଣ ଯୁଦ୍ଧ ଅଭିଯାନ ଶାସକମାନଙ୍କର ମୁଣ୍ଡ ବ୍ୟଥାର କାରଣ ଥିଲା । ତାକୁ ହିଁ ଆଧାର କରି ଆଜି ଦେଶରେ ପ୍ରଶିକ୍ଷିତ ନୌସେନା ବାହିନୀ ଗଠିତ । ଶାସକ ରୂପେ ତାଙ୍କର ଅମିୟ ସ୍ୱର ଥିଲା -

ଯାବତ ଶରୀରରେ ବହେ ପ୍ରାଣ ବାୟୁ
ଶୂରେ ବିମୁଖ ନ ହୁଅ ସମରେ
ମାର ଅବା ମର ଏଥୁ ଅନ୍ୟ ଆଉ
ନ ଘଟୁ ଯେମନ୍ତ ଆମ୍ଭ ଭାଗ୍ୟରେ ।

*ଅବସରପ୍ରାପ୍ତ ଶିକ୍ଷକ, ଚମ୍ପୁଆ*



ସର୍ବଶରୀର ମଧ୍ୟେ ସାର । ଦୁର୍ଲଭ ନର କଳେବର ॥

**ରମ୍ୟ କଥନ**

# ପଲ୍ଲୀ ବିଚିତ୍ରା

*ଶ୍ରୀ ଭରତଚନ୍ଦ୍ର ସାହୁ*

ନାତି    ଅଜା ମ.......

ଅଜା    କହିଯା ନାତି ........

ନାତି    ମା' ରାଣ, ତୁମ ହାତ ଗୋଡରୁ ଜଣାପଡୁଛି, ତୁମେ ପିଲାଦିନେ ଗୋଟେ ଦୁଷ୍ଟ ଥିଲ ।

ଅଜା    କେମନ୍ତ ! ! ! ! ତୁ ଯା ଭିତରେ ଜଣେ ବିଖ୍ୟାତ ହସ୍ତରେଖା ବିଶାରଦ ହୋଇଗଲୁଣି ଦେଖୁଛି ।

ନାତି    ସେ କି ?

ଅଜା    ଯେଉଁ ମାନେ ହାତ ପାପୁଲିରୁ ରେଖା ଦେଖି ଅତୀତ ବର୍ତ୍ତମାନ ଭବିଷ୍ୟତ ବିଷୟରେ ମନକୁ ପାରିଲା ଭଳି ତଥ୍ୟ ଦେଇଥାନ୍ତି । ଗୋଦାବରୀ ଜିଲ୍ଲାରୁ ବୀଣା ବଜାଇ ବଜାଇ ଗାଁ ଗଣ୍ଡା, ସହର ବଜାରରେ ବୁଲି ବୁଲି ଲୋକଙ୍କ ହାତ ଦେଖୁଥିବା ନାଲି ବାବାମାନଙ୍କୁ ହସ୍ତରେଖା ବିଶାରଦ କୁହନ୍ତି ।

ନାତି    ହଁ ହଁ ମୁଁ ସେମାନଙ୍କୁ କେତେ ଥର ଦେଖିଛି । ଦେଖିକି ଭୟରେ ଘରକଣରେ ଲୁଚିଛି ।

ଅଜା    ମୋ ପିଲାଦିନେ ସେଇ ନାଲି ବାବା ଜଣେ ଆମ ଘରକୁ ଆସି ମୋ ବାପାଙ୍କ ହାତ ଦେଖିବାକୁ ଉଦ୍ୟମ କରୁଥିବା ବେଳେ ଆମ ସାହି ବାଙ୍କୀ ମାଆ ବୁଲ ବାପାଙ୍କ ପାଖକୁ ସରାଗ (ରାଗସହ ବର୍ତ୍ତମାନ) ମାଡ଼ି ଆସି ରଡ଼ିଲେ ବଇଁଶୀ ଏବେ ଭର୍ତ୍ତକୁ ସମାଳ .....

ବାପା    ଭର୍ତ୍ତ କ'ଣ ଦୋଷ କଲାକି ଖୁଡୀ ? ବାଙ୍କୀମା -ଗତକାଲି ନୁକ୍ରବାର ହାଟରୁ ତୋ ଦଦେଇ ଅଧମୁଣ୍ଡ କଳା କୁକୁଡ଼ା ଧରି ମୁହଁ ସଞ୍ଜବେଳେ ଘରେ ପହଞ୍ଚିଲେ । ମୁଁ ସାଙ୍ଗେ ସାଙ୍ଗେ କୁକୁଡ଼ାଟାକୁ ଟୋକେଇ ଘୋଡ଼େଇ ଦେଲି । ଆଜି ସକାଳେ ତା' ଗୋଡ଼କୁ ଦସି କେରାକିରେ ବାନ୍ଧି ସମସ୍ତଙ୍କ ଦୃଷ୍ଟି ପଡ଼ିବା ଭଳି ଥାନ - ଚେଉଁରା ଗଛରେ ନଟକେଇ ଦେଇଥିଲି । ତୋ ପୁଅର ଜନ୍ତୁ ଜାନୁଆରଙ୍କ ପ୍ରତି ଏତେ ଦୟା ଯେ କୁକୁଡ଼ାଟାକୁ ଚୋଉଁରା ଗଛରୁ ଫିଟେଇ ଦେଲା । କୁକୁଡ଼ା ଯେମିତି ଫିଟିଛି କ-କ-କ- ରାବ ଛାଡ଼ି ଉଠିଲା କି ବୁଡ଼ିଲା । ସେଇଠୁ ଆମ ବଅଁଶ ସାରା ବାଡ଼ ବଣ କଣ୍ଟା ଝଣ୍ଟା ନମାନି ତା' ପଛରେ ଗୋଡ଼େଇ ଗୋଡ଼େଇ ଆମ ଭାଞ୍ଜି ବଣା ହୋଇଗଲା । ଶେଷକୁ କୁକୁଡ଼ାଟା ନବ ଘନିଆ ତନ୍ତଶାଳାରେ ପଶିଯିବାରୁ ତୋ ଦଦେଇ ତାକୁ ମାଡ଼ି ବସିଲେ । ନୋହିଲେ କୋଡ଼ିଏ ତିନିଟଙ୍କା ପାଣିରେ ପଡ଼ିବା ସାର ହୋଇଥାନ୍ତା ଜାଣ ... ହଁ ।

ବାପା    କିରେ ଖୁଡ଼ି ଯାହା କହିଲେ ସତ ?

ବାପାଙ୍କର ରାଗରେ ପାଚିଥିବା ଲାଲ ମୁହଁକୁ ଦେଖି ମୁଁ ଭୟରେ ଥରି ଥରି ତଳକୁ ମୁହଁ ହାଣି ଠିଆ ହୁଅନ୍ତେ ବାପା ହଠାତ୍ ତାଙ୍କ ଡାହାଣ ହାତରେ ମୋ ବାଁ ଗାଲରେ ବ୍ରହ୍ମ ଚାପୁଡ଼ା ଟାଏ କଷି ଦେଲେ । ମୁଁ ଏକ କରି ପକାଇବା ଅବସରରେ ନାଲି ବାବା ବାପାଙ୍କ ହାତ ଦେଖିବେ କ'ଣ ମୋ ମାଡୁଆ ଗାଲଟାକୁ ଚାହିଁ ବାପାଙ୍କ ଅତୀତ-ବର୍ତ୍ତମାନ-ଭବିଷ୍ୟତ କଥା ଡଗ ଡଗ ଗପିଗଲେ...... ।

*ପାଟଣା, କେନ୍ଦୁଝର*

ସୁଲଭ ନାବରୂପେ ଘାଟେ । ବନ୍ଧନ ଭବସିନ୍ଧୁ ତଟେ ॥

ଜୀବନ ମୂଲ୍ୟ

# ଅକ୍ଷର ବ୍ରହ୍ମ

✸ ଶ୍ରୀ ନରେନ୍ଦ୍ରକୁମାର ରାଉଳ

ବ୍ରହ୍ମଙ୍କର ଦୁଇ ରୂପ - ମୂର୍ତ୍ତ ଓ ଅମୂର୍ତ୍ତ । ଯାହା ମୂର୍ତ୍ତ ରୂପ ତାହା ଅସତ୍ୟ, ଯାହା ଅମୂର୍ତ୍ତ ରୂପ ତାହା ସତ୍ୟ, ତାହା ବ୍ରହ୍ମ । ଯାହା ବ୍ରହ୍ମ ତାହା ଜ୍ୟୋତି, ଯାହା ଜ୍ୟୋତି ତାହା ଆଦିତ୍ୟ । ତାହା ଓଁକାର (ପ୍ରଣବ) ତାହା ଆତ୍ମା । ସେ ନିଜ ସ୍ୱରୂପକୁ ତିନି ପ୍ରକାର ପ୍ରକଟ କରିଛନ୍ତି । ଓଁକାର ତିନି ମାତ୍ରାଯୁକ୍ତ । ସେହି ଓଁକାରରେ ସବୁତତ୍ତ୍ୱ ବିଦ୍ୟମାନ । ଶ୍ରୁତିରେ ଏହିପରି ବର୍ଣ୍ଣନା ମିଳେ । ଆଦିତ୍ୟ ହିଁ ଓଁକାର ସ୍ୱରୂପ ବ୍ରହ୍ମ । ଏପରି ଧ୍ୟାନ କରି ପୁରୁଷ ନିଜ ସହିତ ଆତ୍ମାର ସଂଯୋଜନ କରିବା ଉଚିତ । ଯାହା ଉଦଗୀଥ (ଉଦ=ପ୍ରାଣ, ଗୀଥ=ଅଭିବ୍ୟକ୍ତି) ଅଟେ, ତାହା ଓଁକାର । ଯାହା ଓଁକାର (ପ୍ରବଣ) ତାହା ଉଦଗୀଥ । ଯାହା ପ୍ରାରମ୍ଭିକ ନାମଯୁକ୍ତ ତତ୍ତ୍ୱ ତାହା ନାମ ତଥା ରୂପଯୁକ୍ତ, ନିଦ୍ରା ରହିତ ବୃଦ୍ଧାବସ୍ଥା ରହିତ ଓ ମୃତ୍ୟୁ ରହିତ । ଶ୍ରୁତି ଅନୁସାରେ ସେ ହୃଦୟ ରୂପୀ ଗୁହାରେ ବାସ କରନ୍ତି । ଏହି ଓଁକାର ରୂପୀ ପରମାତ୍ମାଙ୍କର ସମସ୍ତ ଶାଖା ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥ୍ୱୀ ଆଦି ରୂପରେ ରହିଛି । ଏହି ଗୋଟିଏ ତତ୍ତ୍ୱ ମାଧ୍ୟମରେ ସବୁକିଛି ମିଳିପାରେ । ସେ ହିଁ ବ୍ରହ୍ମ । ଏହି ସମଗ୍ର ବିଶ୍ୱ ସେହି ଓଁକାର ସ୍ୱରୂପ । ସୂର୍ଯ୍ୟ ମଧ୍ୟ ଓଁକାର ରୂପ । ତେଣୁ ଓଁକାର ଦ୍ୱାରା ସେହି ସୂର୍ଯ୍ୟଙ୍କୁ ସର୍ବଦା ପ୍ରାର୍ଥନା କରିବା ଉଚିତ । ଏହି ଓଁକାର ଦ୍ୱାରା ହିଁ ତାଙ୍କ ରସର ବୋଧ କରାଯାଇପାରେ । ଏହି ଓଁକାର ରୂପ ଅକ୍ଷରକୁ ଜାଣି ମନୁଷ୍ୟ ନିଜ ଇଚ୍ଛାନୁସାରେ ସବୁକିଛି ପାଇପାରେ । ବ୍ରହ୍ମଙ୍କର ଶରୀର ଯେଉଁ ଶବ୍ଦ ଉଚ୍ଚାରଣ କରେ ତାହାକୁ ଓଁ କୁହାଯାଏ । ଏହା ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର ରୂପେ ଅଧିପତି ସ୍ୱରୂପ । ଭୂଃ, ଭୁବଃ ଓ ସ୍ୱଃ - ଏହି ତିନି ଲୋକ ମଧ୍ୟ ଏହାର ରୂପ । ଏହି ଓଁକାର ରୂପ ବ୍ରହ୍ମଙ୍କ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ତିନିକାଳ । ପ୍ରାଣ, ଅଗ୍ନି ଓ ଆଦିତ୍ୟ ତାଙ୍କର ପ୍ରତାପ । ଅନ୍ନ ଜଳ ଓ ଚନ୍ଦ୍ରମା ତାଙ୍କର ପୋଷକ ତତ୍ତ୍ୱ । ବୁଦ୍ଧି, ମନ ଓ ଅହଂକାର ତାଙ୍କର ଚେତନା । ପ୍ରାଣ, ଅପାନ ଓ ବ୍ୟାନ ତାଙ୍କର ପ୍ରାଣ । ଶ୍ରୁତିର ବଚନ ଅନୁସାରେ ଏହା ସ୍ତୁତି କରେ ଓ ସ୍ୱୟଂ ସମର୍ପିତ ହୁଏ । ହେ ସତ୍ୟ କାମନାକାରୀ ! ଏହି (ଓଁକାର) ପର ଓ ଅପରରୂପ ବ୍ରହ୍ମ । ଏହି ଓଁକାର ହିଁ ଅକ୍ଷର ବ୍ରହ୍ମ ।

ବେଦାନ୍ତ ଦର୍ଶନରେ ବ୍ରହ୍ମର ଅବଧାରଣା ସେହି ପରମସତ୍ତା ରୂପେ କରାଯାଏ, ଯିଏ ସର୍ବାତିଶାୟୀ, ସର୍ବସମର୍ଥ, ସର୍ବ ବିଦ୍ୟମାନ ଥିବା ସର୍ବୋଚ୍ଚ ଶକ୍ତି ଅଟନ୍ତି । ସେହି ପରଂବ୍ରହ୍ମଙ୍କୁ ଅନେକ ନାମରେ ଅଭିହିତ କରାଯାଇଛି ଯେପରିକି ପରମାତ୍ମା, ପରମେଶ୍ୱର, ବ୍ରହ୍ମ, ଭୂମା, ପରମଚୈତନ୍ୟ, ଅକ୍ଷର ବ୍ରହ୍ମ, ଓଁକାର ଇତ୍ୟାଦି । ପରଂବ୍ରହ୍ମଙ୍କ ଅକ୍ଷରାତ୍ମକ ସ୍ୱରୂପ ଓଁକାର ପ୍ରଣବ ରୂପେ ଉପନିଷଦାଦି ଆର୍ଷଗ୍ରନ୍ଥ ଗୁଡିକରେ ସର୍ବତ୍ର ମିଳିଥାଏ । ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ବ୍ରହ୍ମ ହିଁ ଅକ୍ଷର ଅଟେ । 'ନ' କ୍ଷରତି ଇତି ଅକ୍ଷର । ଯାହାର କ୍ଷରଣ ଅର୍ଥାତ ବିନାଶ ହୁଏ ନାହିଁ ତାହା ହିଁ ଅକ୍ଷର । ଏହି ଦୃଷ୍ଟିରୁ ଅକ୍ଷର ଶବ୍ଦ ବ୍ରହ୍ମଙ୍କ ବିଶିଷ୍ଟତାବୋଧକ ଶବ୍ଦ । ସେହିପରି 'ଓଁ' ପ୍ରଣବକୁ ଅକ୍ଷରାତ୍ମକ ଅର୍ଥାତ ବର୍ଣ୍ଣାତ୍ମକ ବ୍ରହ୍ମଙ୍କ ରୂପ ବୋଲି ସ୍ୱୀକାର କରାଯାଏ । ଯଥା - 'ଅକ୍ଷରଂ ପରମଂ ପଦମ୍ ଅକ୍ଷରଂ ପରମଂ ବ୍ରହ୍ମ ନିର୍ବିଶେଷଂ ନିରଞ୍ଜନମ୍ ଅକ୍ଷରଂ ବ୍ରହ୍ମ ପରମମ୍ ।' ଏହି ଉଦାହରଣଗୁଡିକୁ ଦେଖିଲେ ପ୍ରତୀତ ହୁଏ ଯେ ଅକ୍ଷର ବ୍ରହ୍ମ ଓଁକାର ପ୍ରଣବ ଆତ୍ମା ଆଦି ସବୁ ଏକମାତ୍ର ତତ୍ତ୍ୱର ପ୍ରତିପାଦକ, ତାହା ହିଁ 'ଅକ୍ଷର ବ୍ରହ୍ମ' ।

ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ,
ଶି.ବି.ସ. ଓଡ଼ିଶା

ଆମ ପରମ୍ପରା

# ପବିତ୍ର ବୈଶାଖ ପୂର୍ଣ୍ଣିମା

କୃଷ୍ଣପ୍ରିୟା ପଟ୍ଟନାୟକ

ଦୁଃଖ ଜର୍ଜରିତ ମାନବମାନଙ୍କୁ ରକ୍ଷା କରିବା ପାଇଁ ବୁଦ୍ଧ ଦେବଙ୍କର ଉପଦେଶ ଥିଲା 'କାମନାର ବିନାଶରେ ଦୁଃଖର ବିନାଶ ।' କାମନା ହିଁ ଦୁଃଖର କାରଣ । ଶ୍ରୀମଦ୍ ଭଗବତ୍ ଗୀତା ମାଧ୍ୟମରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଛନ୍ତି :

କର୍ମେଣ୍ୟବାଧିକାରସ୍ତେ ମା ଫଳେଷୁ କଦାଚନ ।
ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱ କର୍ମଣି ।।

କର୍ମ କରିବାରେ ତୁମର ଅଧିକାର ରହିଛି କିନ୍ତୁ କର୍ମର ଫଳାଫଳ ଉପରେ ତୁମର କୌଣସି ଅଧିକାର ନାହିଁ । ଫଳ ପ୍ରାପ୍ତିର ଆଶା ରଖି କର୍ମ କଲେ ତାହା ସଫଳ ବା ବିଫଳ ହୋଇପାରେ । ସଫଳରେ କ୍ଷୁଦ୍ର ଆନନ୍ଦ ମିଳେ ନ ହେଲେ ଦୁଃଖ ମିଳେ । ଫଳ ଆଶା ନ ରଖି କର୍ମ କରିପାରିଲେ ମନୁଷ୍ୟ ବ୍ରହ୍ମାନନ୍ଦ ପ୍ରାପ୍ତ ହୁଏ ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତକରେ ଭୂମିଷ୍ଠ ହୋଇଥିଲେ ଗୌତମ ବୁଦ୍ଧ ଶୁଦ୍ଧୋଦନଙ୍କ ଔରସରୁ ମାୟାଦେବୀଙ୍କ ଗର୍ଭରୁ କପିଳାବସ୍ତୁ ନଗରର ରାଜ ଉଦ୍ୟାନ ଲୁମ୍ବିନୀର ଶାଳ ବଣରେ । ଜନ୍ମ ହେବାର ସାତ ଦିନ ପରେ ମାତା ପରଲୋକ ଗମନ କଲେ । ବହୁତ ଯତ୍ନରେ ମାଉସୀ ଗୌତମୀଙ୍କ ଦ୍ୱାରା ପାଳିତ ହୋଇ ଗୌତମ ନାମରେ ନାମିତ ହେଲେ ସିଦ୍ଧାର୍ଥ ରାଜକୁମାର । ରଜା ଗଣକମାନଙ୍କ ଠାରୁ ଜାଣିବାକୁ ପାଇଲେ ରାଜପୁତ୍ର ରାଜଚକ୍ରବର୍ତ୍ତୀ ହୋଇପାରେ ଅଥବା ଶ୍ରେଷ୍ଠ ସନ୍ନ୍ୟାସୀ ହୋଇପାରେ । କାଳେ ପୁତ୍ର ସନ୍ନ୍ୟାସୀ ହୋଇଯିବ ଏହି ଭୟରେ ପିତା ସବୁବେଳେ ସତର୍କତା ସହ ପୁତ୍ରକୁ ପାଳନ କରୁଥାନ୍ତି । ବିବାହ ବୟସ ହେବାରୁ ଯଶୋଧାର ନାମକ ସୁନ୍ଦରୀ ରାଜକନ୍ୟା ସହ ବିବାହ କରାଇ ଦେଲେ । କିଛି ଦିନ ସାଂସାରିକ ଜୀବନ ବିତାଇ ଗୌତମ ରାହୁଳ ନାମକ ପୁତ୍ରର ଜନକ ହେଲେ । ହେଲେ ଏ ସାଂସରର ଭୋଗବିଳାସର ମାୟା ତାଙ୍କୁ ବାନ୍ଧି ପାରିଲା ନାହିଁ । ସାରଥି ଛନ୍ଦକ ସହିତ ସେ ବାହାରିଲେ ନଗର ଭ୍ରମଣରେ । ରୋଗୀ, ବୃଦ୍ଧ, ଶବ, ସନ୍ନ୍ୟାସୀ ଏହି ୪ଟି ଦୃଶ୍ୟ ତାଙ୍କର ଜୀବନର ଗତିପଥକୁ ବଦଳାଇ ଦେଲା । ରାଜପୁରୀର ସମସ୍ତ ଭୋଗଐଶ୍ୱର୍ଯ୍ୟକୁ ତ୍ୟାଗ କରି ଗୌତମ ସନ୍ନ୍ୟାସୀ ଜୀବନକୁ ବରଣ କଲେ । ମାନବ ଜୀବନର ଦୁଃଖକୁ ଦୂର କରିବା ପାଇଁ ଦୃଢ଼ ପ୍ରୟାସୀ ହୋଇ ବୋଧି ବୃକ୍ଷ ତଳେ ଧ୍ୟାନରେ ବସିଗଲେ । ତାଙ୍କର ପ୍ରଚେଷ୍ଟାରେ ସଫଳ ହୋଇ ସେ ହେଲେ ଜଗତର ଆଲୋକ । ବୁଝାଇ ଦେଲେ ଜଗତକୁ ମନରୁ କାମନାକୁ ଦୂରେଇ ଦେଲେ ସବୁ ଦୁଃଖ ଦୂର ହୋଇଯିବ । ପ୍ରେମ ଦ୍ୱାର ଘୃଣା ନିବାରିତ ହୁଏ । ନିଜର ପଥକୁ ବୁଦ୍ଧି ଦ୍ୱାରା ନିଜେ ବାଛିବାକୁ ପଡ଼ିବ । ଅହିଂସା ତାଙ୍କ ଧର୍ମର ସର୍ବ ପ୍ରଧାନ ନୀତି । ଅତୀତ ଓ ଭବିଷ୍ୟତକୁ ବାଦ ଦେଇ ବର୍ତ୍ତମାନରେ ବଞ୍ଚିବାକୁ ସେ ପରାମର୍ଶ ଦେଇଛନ୍ତି ।

ଜ୍ଞାନ ପ୍ରାପ୍ତ ହେଲା ପରେ ସିଦ୍ଧାର୍ଥ ଗୌତମ ତପସିଦ୍ଧ ବୁଦ୍ଧ ନାମରେ ଖ୍ୟାତ ହେଲେ । ତାଙ୍କର ନୀତିଗୁଡ଼ିକ ସମସ୍ତଙ୍କ ହୃଦୟକୁ ଆକର୍ଷଣ କଲା । ବହୁତ ଶିଷ୍ୟ ତାଙ୍କର ଧର୍ମକୁ ଆନନ୍ଦରେ ଗ୍ରହଣ କଲେ । ବୁଦ୍ଧଦେବ ସେମାନଙ୍କୁ ସଂଘ ନାମରେ ନାମିତ କରାଇଲେ । ବୁଦ୍ଧଦେବଙ୍କ ଧର୍ମନୀତି ସରଳ ଓ ହୃଦୟସ୍ପର୍ଶୀ ଥିଲା । ବୈଶାଖ ପୂର୍ଣ୍ଣିମା ତାଙ୍କ ଜୀବନରେ ଏକ ପବିତ୍ର ତିଥି । ସେ ଜନ୍ମ ହୋଇଥିଲେ ଲୁମ୍ବିନୀର ରାଜଉଦ୍ୟାନର ବୃକ୍ଷ ମୂଳରେ ଏହି ବୈଶାଖ ପୂର୍ଣ୍ଣିମା ଦିନ । ବୁଦ୍ଧତ୍ୱ ଲାଭ କଲେ ଅଶ୍ୱତ୍ଥ ବୃକ୍ଷମୂଳରେ ଏହି ବୈଶାଖ ପୂର୍ଣ୍ଣିମାରେ । ପାର୍ଥିବ ଶରୀର ତ୍ୟାଗ କରିଥିଲେ ସେହି ବୈଶାଖ ପୂର୍ଣ୍ଣିମାରେ । ହିନ୍ଦୁମାନେ ତାଙ୍କୁ ଦଶ ଅବତାର ମଧ୍ୟରୁ ନବମ ଅବତାର ରୂପେ ଗ୍ରହଣ କରିଛନ୍ତି । କବି ଜୟଦେବ ବୁଦ୍ଧଦେବଙ୍କୁ ନବମ ଅବତାର ରୂପେ ଗ୍ରହଣ କରି ଲେଖିଛନ୍ତି–

ଏମନ୍ତ ନାମ ଥାଉଁ କୂଳେ । ଯେବା ନ ତରେ ଭବଜଳେ ।।

ନନ୍ଦସି ଯଜ୍ଞ ବିଧେର ଅହ ଶ୍ରୁତି ଜାତମ୍
ସଦୟ-ହୃଦୟ-ଦର୍ଶିତ-ପଶୁ-ଘାତମ୍
କେଶବ ଧୃତ-ବୁଦ୍ଧ-ଶରୀର ଜୟ ଜଗଦୀଶ ହରେ ।

ସବୁବେଳେ ସେ କହୁଥିଲେ ଶାନ୍ତି ବାହାରେ ନାହିଁ ଅଛି ନିଜ ଭିତରେ । ନିଜ ମନକୁ ଜୟ କରି ପାରିଲେ ଶାନ୍ତି ହୃଦୟରେ ବିରାଜମାନ କରେ । ଘୃଣାକୁ ଜୟ କରିବାର ସବୁଠାରୁ ସଫଳ ଶକ୍ତିଶାଳୀ ଅସ୍ତ୍ର ପ୍ରେମ । ବୁଦ୍ଧ ଦେବଙ୍କର ପ୍ରଚାରିତ ଧର୍ମକୁ ବୌଦ୍ଧ ଧର୍ମ କୁହାଯାଏ । ସମସ୍ତଙ୍କୁ ଏହି ଧର୍ମର ସରଳତା ଆକର୍ଷିତ କରେ । ବୈଶାଖ ପୂର୍ଣ୍ଣିମା ଆସିଗଲେ ବୁଦ୍ଧଦେବଙ୍କର ଜୀବନ ଚର୍ଯ୍ୟା ଗୋଟି ଗୋଟି ହୋଇ ଆଖି ଆଗରେ ଭାସି ଉଠେ । ଅନେକ ରାଜା ମହାରାଜ, ଧନୀ ଜ୍ଞାନୀ, ମୂର୍ଖ, ଅସ୍ପୃଶ୍ୟ ଜନତା ଏପରିକି ଦେହଜୀବୀ ମହିଳା ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରି ନିଜକୁ ଧନ୍ୟ ମନେ କଲେ । ବୈଶାଖ ପୂର୍ଣ୍ଣମୀରେ ଜନ୍ମ, ଜ୍ଞାନଲାଭ ଓ ମହା ପରି ନିର୍ବାଣ ଲାଭ କରିଥିବା ବୁଦ୍ଧଦେବ ହିନ୍ଦୁମାନଙ୍କର ନବମ ଅବତାର । ତାଙ୍କର ସମସ୍ତ ଉପଦେଶ ମାନବ ସମାଜର କଲ୍ୟାଣ ପାଇଁ । ସେଥି ପାଇଁ କୁହାଯାଏ - ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି, ବୁଦ୍ଧଂ ଶରଣଂ ଗଚ୍ଛାମି ।

*ନୟାଗଡ଼*

## ସତରେ ମୁଁ କେଡ଼େ ଭାଗ୍ୟବାନ

*ଶ୍ରୀଯୁକ୍ତ ନିରଞ୍ଜନ ତରାସ*

ଭଗବାନଙ୍କର ବିଚିତ୍ର ସୃଷ୍ଟିରେ ମନୁଷ୍ୟ ଜନ୍ମ ହେଉଛି ସର୍ବଶ୍ରେଷ୍ଠ । ସେହି ମନୁଷ୍ୟ ତା ଜୀବନ ଭିତରେ କେବଳ ଖାଇବା, ପିନ୍ଧିବା, ଲଗାଇବା ଏବଂ ଉପଭୋଗରେ ଜୀବନ ବିତାଇବା ଜୀବନ ନୁହେଁ । କିଛି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ତା'ର ଜୀବନକୁ ସାର୍ଥକ କରିବା ପାଇଁ ଏକ ଉତ୍ତମ ମନୁଷ୍ୟ ରୂପେ ନିଜକୁ ଗଢ଼ିବା । ମନୁଷ୍ୟ ଜନ୍ମ ପରେ ଅନେକ ସ୍ୱପ୍ନ ଦେଖିଥାଏ । କିନ୍ତୁ ସେ ସ୍ୱପ୍ନକୁ ସାକାର କରିବା ପାଇଁ କିଏ ଚେଷ୍ଟା କରେ ତ କିଏ କରି ନ ଥାଏ । ମୋ ସ୍ୱପ୍ନ ଥିଲା ମୋ ଦେଶ ପାଇଁ ଗୋଟିଏ ସୈନିକ ହୋଇ ଦେଶମାତୃକା ପାଇଁ କାମ କରିବି । ହେଲେ ମୋ ଭାଗ୍ୟ ମୋତେ ସାଥ ଦେଲା ନାହିଁ । ତଥାପି ମୋ ମନ ଭିତରୁ ଦେଶ ସେବା କରିବା ଭାବନାକୁ ସକାରାତ୍ମକ ସମ୍ମାନ ମିଳିଲା । ଯାହାକି ମୁଁ ସରସ୍ୱତୀ ଶିଶୁ ମନ୍ଦିରରେ କାର୍ଯ୍ୟ କରିବାର ସୁଯୋଗ ପାଇଲି । ଏଠି ବି ଦେଶ ସେବକ ତିଆରି କରିବାର ଦାୟିତ୍ୱ ମିଳିଲା । ମୁଁ ଭାବୁଥିଲି ଜଣେ ଦେଶସେବକ ହେବି ବୋଲି କିନ୍ତୁ ମୋତେ ଈଶ୍ୱରଙ୍କ ଆଶୀର୍ବାଦରୁ ମିଳିଲା ସୁଯୋଗ୍ୟ ଦେଶ ସେବକମାନଙ୍କୁ ନିର୍ମାଣ କରିବାର ଦାୟିତ୍ୱ । ଏଠି ମୋର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଅନେକ ବିକାଶ ହୋଇଛି । ଏହି ମନ୍ଦିରରେ ଦେବ ଦୁର୍ଲଭ ଶିଶୁମାନଙ୍କୁ ଗଢ଼ି ତୋଳିବାର ଆଗ୍ରହ ରଖି କାର୍ଯ୍ୟ ଚାଲିଛି । ତା'ର ପ୍ରତି ବଦଳରେ ମୋତେ ମିଳୁଛି ଦରମା ବଦଳରେ ଦକ୍ଷିଣା । ଏହି ଦକ୍ଷିଣା ଶବ୍ଦ କେବଳ ସ୍ୱଚ୍ଛତାର କଥାକୁ ବୁଝାଯାଏ ଏବଂ ସ୍ୱଚ୍ଛ ବୋଲି ସମସ୍ତେ ଜାଣିଛନ୍ତି । ଏଇ ଦକ୍ଷିଣା ବୃଦ୍ଧି କରିବା ପାଇଁ କୌଣସି ରାଜରାସ୍ତାକୁ ଯାଇ ହରତାଳ କରିବାକୁ ପଡ଼ି ନଥାଏ । ସେ ସ୍ୱତଃ ବୃଦ୍ଧି ହୋଇଥାଏ । ଏହି ଦକ୍ଷିଣାରେ ରହିଛି ଅଫୁରନ୍ତ ଆନନ୍ଦ ଆଉ ଦୀର୍ଘଜୀବୀ ହେବାର ମନ୍ତ୍ର ।

ମୁଁ କେବଳ ଜାଣିଛି ମନ୍ତ୍ର ଉଚ୍ଚାରଣ ପରେ ତା'ର ପାରିଶ୍ରମିକ ଦକ୍ଷିଣା ଆକାରରେ ମିଳିଥାଏ । ବାସ୍ତବରେ ଏଠି ଦେଶ ତିଆରି କରିବାର ଗୁରୁଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡେଇ ଆଜି ମୁଁ ୨୨ ବର୍ଷ କାଳ କେବଳ ଦକ୍ଷିଣା ପାଇ ବହୁତ ଆନନ୍ଦରେ ଅଛି । ହେଲେ ଦରମାରେ କ'ଣ ଅଛି ? କେବଳ ଖୁସି ହେଲେ ଆନନ୍ଦ ମିଳୁଛି ଦକ୍ଷିଣାରୁ ସ୍ୱଳ୍ପ ବୋଲି ତ ସର୍ବଦା ଦକ୍ଷିଣାକୁ ନିଜ ପାଖରେ ରଖି ଆବଶ୍ୟକତା ପୂରଣ କରି ଚାଲିଛି । କେବେ ବି ଆଲମାରୀରେ ସାଇତି ରଖି ତାଲା ଦେଇ ନାହିଁ, କାହିଁକି ନା ଦକ୍ଷିଣାରେ ଅଛନ୍ତି ଲକ୍ଷ୍ମୀ, ଯେଉଁଥି ପାଇଁ ସର୍ବଦା ଆମ ପାଖରେ ରଖିଥାଉ । ମା' ଲକ୍ଷ୍ମୀଙ୍କୁ ପାଖେ ପାଖେ ରଖି ନିଜର ଅଭାବକୁ ଦୂର କରିବାରେ ସହାୟକ ହୋଇଥାଏ । କିନ୍ତୁ ଦରମାକୁ ଆଲମାରୀରେ ରଖି ଲକ୍ଷ୍ମୀଙ୍କୁ ଭୁଲି ଯିବାଟା ସ୍ୱାଭାବିକ କଥା । କାହିଁକି ନା ତାହା ଏତେ କମ୍ ନୁହେଁ ଯେ ସାଥିରେ ଧରି ବୁଲିବା ଆଶା ନଥାଏ । ଅଧିକ ଟଙ୍କା ପାଇଲେ ଲୋଭ ବଢ଼େ କିନ୍ତୁ ମା ଲକ୍ଷ୍ମୀଙ୍କ ପ୍ରତି ଭକ୍ତିଭାବ ବଢ଼ିବାର ଆଶା ନ ଥାଏ । ତା' ପରେ ବିଭିନ୍ନ ଅସତ ଉପାୟ ଅବଲମ୍ବନ କରି ଟଙ୍କା ଠୁଳ କରିବାର ଆଗ୍ରହ ବଢ଼େ । ଧୀରେ ଧୀରେ ଶହ, ହଜାର, ଲକ୍ଷ ଓ କୋଟିରେ ପହଞ୍ଚି ଆମକୁ ବିପଥ ଆଡ଼କୁ ଯିବାର ରାସ୍ତା ସହଜରେ ମିଳିଥାଏ । ହେଲେ ଦରମା ପାଉଥିବା କିଛି ବ୍ୟକ୍ତିଙ୍କର ଏଭଳି ପରିବର୍ତ୍ତନ ଘଟିଥାଏ ସମସ୍ତଙ୍କର ନୁହେଁ । ଦକ୍ଷିଣା ପାଉଥିବା ସମସ୍ତ ବ୍ୟକ୍ତି ଯେ ବିପଥଗାମୀ ହୁଅନ୍ତି ନାହିଁ ସେ କଥା ମଧ କହିବା ଭୁଲ ।

ବାସ୍ତବତା ଭିତରେ କର୍ମକୁ ବ୍ରତ ରୂପେ ପାଳନ କରି ଶିଶୁ ମନ୍ଦିରର ପ୍ରତ୍ୟେକ କୁନି କୁନି ଶିଶୁଙ୍କ ମଧ୍ୟରେ ମୋତେ ଈଶ୍ୱରଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳିପାରିଛି । ଆଉ ସେ ଦର୍ଶନ କରି ମୁଁ ନିଜକୁ ଧନ୍ୟ ମନେ କରୁଛି । ମୁଁ ଠିକ୍ ଜାଗାରେ କାର୍ଯ୍ୟ କରୁଛି । ଯେଉଁଠି ମୁଁ ପାଉଛି ସଂସ୍କାର, ଧୈର୍ଯ୍ୟ, ଭାତୃତ୍ୱଭାବ ଆଉ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି କାର୍ଯ୍ୟ କରିବାର ଦକ୍ଷତା । ନିଜେ ପଢୁଛି, ଅନ୍ୟକୁ ପଢ଼ାଉଛି । ଶିଶୁ ମାନଙ୍କୁ ଶିକ୍ଷା ଦେଲା ବେଳେ ନିଜେ ମଧ ଶିକ୍ଷା ଲାଭ କରି ନିଜ ଜୀବନଚର୍ଯ୍ୟାରେ ସେ ଶିକ୍ଷାକୁ ସାମିଲ କରୁଛି । ଯାହା ଦ୍ୱାରା ମୁଁ ଆଜି ଜଣେ ଶୃଙ୍ଖଳିତ ମଣିଷ ଭାବେ ନିଜକୁ ଗଢ଼ି ତୋଳିଛି । ଶିଶୁ ମନ୍ଦିରର ଜଣେ ସେବାବ୍ରତୀ ଭାବରେ ଶିଶୁ ମାନଙ୍କୁ ଜଣେ ସଚ୍ଚୋଟ ଦେଶସେବକ ଭାବେ ଗଢୁ ଗଢୁ ମୁଁ କେତେ ବେଳେ ଜଣେ ଦେଶ ସେବକ ହୋଇ ସାରିଛି, ସେ କଥା ମୁଁ ଜାଣି ନ ଥିଲି । ସେଥିପାଇଁ ମୁଁ ନିଜକୁ ଗର୍ବ ଅନୁଭବ କରୁଛି । ଯେଉଁ ଦେଶରେ ଜନ୍ମ ହୋଇଛି, ଯାହାର ପାଣି ପବନକୁ ଆଶ୍ରା କରି ମୁଁ ବଞ୍ଚିଛି, ସେ ଦେଶମାତୃକା ପାଇଁ ମୁଁ ତିଆରି କରିବି ଭଗତସିଂ, ବାଜିରାଉତ ଭଳି ଅନେକ ଦେଶପ୍ରେମୀ । ସଭିଙ୍କୁ ସାଥିରେ ଧରି ମୁଁ ଗାଇବି ଜାତୀୟ ସଙ୍ଗୀତ । ସଭିଙ୍କ ମୁହଁରୁ ଆପେ ବାହାରି ଆସିବ ଭାରତ ମାତା କି ଜୟ । ତେଣୁ ଆଜି ଏହି ମଣିଷ ତିଆରି କାରଖାନାରେ ମୁଁ ଜଣେ ଆଚାର୍ଯ୍ୟର ଦାୟିତ୍ୱକୁ ନିଖୁଣ ଭାବେ ତୁଲାଇବାରେ ପ୍ରୟାସ କରି ଚାଲିଛି । ଏ କ୍ଷେତ୍ରରେ କାର୍ଯ୍ୟ କରି ନିଜକୁ ଭାଗ୍ୟବାନ ବୋଲି ମନେ କରୁଛି । ତେବେ ମୁଁ କ'ଣ ଭାଗ୍ୟବାନ ନୁହେଁ କି ? ? ହଁ, ମୁଁ ଭାଗ୍ୟବାନ.....

*ପ୍ରଧାନାଚାର୍ଯ୍ୟ, ରାଜସୁନାଖଳା*



# ବୃହତ୍ତମ ସ୍ତନ୍ୟପାୟୀ ଜୀବ ନୀଳତିମି

*ଗୀତାଞ୍ଜଳି ପୃଷ୍ଟି*

ପିଲାମାନେ ତୁମେ ଜାଣିଛ ଆମର ଏହି ବିଶାଳ ପୃଥିବୀରେ ଅନେକ ପ୍ରକାର ଜୀବଜନ୍ତୁ ବାସ କରନ୍ତି । ସେମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ସ୍ତନ୍ୟପାୟୀ ଜୀବ ହେଉଛି ତିମି । ପୃଥିବୀର ସମସ୍ତ ସାଗର, ମହାସାଗର ଗର୍ଭରେ ପ୍ରାୟ ୩୮ ଜାତିର ଛୋଟ ବଡ଼ ତିମି ଅଛନ୍ତି । ସେମାନଙ୍କ ମଧ୍ୟରେ ନୀଳତିମି ସବୁଠାରୁ ବଡ଼ । ଗୋଟିଏ ବଡ଼ ନୀଳତିମିର ଓଜନ ପ୍ରାୟ ୧୦୦ ଟନରୁ ଅଧିକ ହୋଇଥାଏ । ଏଭଳି ବଡ଼ ତିମିଙ୍କର ଲମ୍ବ ୩୨ ରୁ ୩୫ ମିଟର ପର୍ଯ୍ୟନ୍ତ ହୋଇଥାଏ । ଏମାନଙ୍କର ଚମଡା ତଳେ ରହିଛି ୫୦ ସେ.ମି. ବା ଅଧ ମିଟର ବହଳର ଏକ ଚର୍ବିର ଗଦି । ଆଫ୍ରିକା ମହାଦେଶରେ ଥିବା ବଡ଼ ବଡ଼ ହାତୀଙ୍କ ଭଳି ୩୦ଟିର ଓଜନ ଯେତିକି ଗୋଟିଏ ବଡ଼ ତିମିର ଓଜନ ସେତିକି ହୋଇଥିବାରୁ ଏତେ ବଡ଼ ଜୀବଟିଏ ଅଛି ବୋଲି କହିଲେ ବିଶ୍ୱାସ କରିବା କଷ୍ଟ । ଏହି ସାମୁଦ୍ରିକ ଜୀବ ଛୁଆ ଜନ୍ମକରେ ଏବଂ ତାକୁ ନିଜର କ୍ଷୀର ଖୁଆଏ । ନୀଳତିମିର ଛୁଆଟିଏ ଜନ୍ମ ହେଲା ବେଳେ ତା'ର ଲମ୍ବ ୭ରୁ ୮ ମିଟର ଏବଂ ଓଜନ ୩ ଟନରୁ ୫ ଟନ ପର୍ଯ୍ୟନ୍ତ ହୋଇଥାଏ । ତିମି ଛୁଆର ଓଜନ ଦିନକୁ ୨୦ କିଲୋଗ୍ରାମ ଲେଖାଏଁ ବଢ଼େ । ପ୍ରତିଦିନ ଏଭଳି ଓଜନ ବଢ଼ିବାର କାରଣ ତିମି କ୍ଷୀରରେ ସ୍ନେହସାର ଅଧିକ ଥାଏ ।

ଅନେକ ଦିନ ପର୍ଯ୍ୟନ୍ତ ଲୋକଙ୍କର ଧାରଣା ଥିଲା ଯେ ତିମି ଗୋଟିଏ ମାଛ ଭଳି ଜୀବ । କିନ୍ତୁ ପରେ ଜଣାପଡିଲା ଯେ ସେ ଆମରି ଭଳି ଶ୍ୱାସକ୍ରିୟା କରେ । ସେଥିପାଇଁ ମଝିରେ ମଝିରେ ତିମି ପାଣି ଉପରକୁ ଉଠିଆସେ । ଛାତିର ପବନକୁ ବାହାର କରି ଦେଇ ନୂଆ ଅମ୍ଳଜାନର ପବନ ପ୍ରଶ୍ୱାସରେ ଭରି ପୁଣି ବୁଡ଼େ । ଉପରକୁ ଉଠି ନିଃଶ୍ୱାସ ଛାଡ଼ିଲା ବେଳେ ତା ଦେହରୁ ସତେ ଯେପରି ଗୋଟିଏ ଝରଣା ୫ ମିଟର ଉପରକୁ ଉଠି ଯାଉଛି ବୋଲି ଜଣାପଡ଼େ । ତା'ର ଛାତି ଭିତରୁ ବାହାରୁଥିବା ଉଷୁମ ପବନ ଯେତେବେଳେ ଉପରକୁ ଉଠେ ସେତେବେଳେ ଜଳୀୟ ବାଷ୍ପ ସେଥିରେ ଲାଗି ଝରଣାର ଦୃଶ୍ୟ ସୃଷ୍ଟି କରେ ।

ସମୁଦ୍ର ଭିତରେ ତିମି ତଳ ଉପର ହେବା ସଙ୍ଗେ ସଙ୍ଗେ ଇଛା ଅନୁସାରେ ପହଁରିଥାଏ । ତାକୁ ବାଧା ଦେଲା ଭଳି ସାହସ କାହାର ନାହିଁ । ଗୋଟିଏ ୧୨ ଚକିଆ ଟ୍ରକ ରାସ୍ତାରେ ୫୦ରୁ ୬୦ କି.ମି. ବେଗରେ ଗଲେ ଯେଉଁ ଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ପାଣି ଭିତରେ ବଡ଼ ତିମିଟିଏ ପହଁରିଲା ବେଳେ ସେଭଳି ପରିସ୍ଥିତି ସୃଷ୍ଟି ହୁଏ । କାରଣ କେତେକ ଜାତିର ତିମି ଘଣ୍ଟାକୁ ୫୦ ରୁ ୬୦ କି.ମି. ବେଗରେ ପହଁରିଥାନ୍ତି । କେତେକଙ୍କ ପାଟିଟା ଏତେ ବଡ଼ ଯେ ତାକୁ ମେଲା କରି ଦେଲେ ତା ଭିତରେ ଗୋଟିଏ ଘୋଡ଼ା ଠିଆ ହୋଇ ପାରିବ । ପାଟି ଭିତରେ ଦାନ୍ତଗୁଡ଼ିକ ବିଚିତ୍ର ପ୍ରକାରରେ ଖଞ୍ଜିତ ହୋଇ ରହିଥାଏ ।

ଏହି ଜୀବର ଚର୍ବି ପାଇବା ପାଇଁ ଲୋକେ ତାକୁ ଶିକାର କରନ୍ତି । ଅନେକ ଦେଶର ଲୋକେ ତିମିର ମାଂସ ଖାଆନ୍ତି । ଏହା ଶରୀରର ପ୍ରତ୍ୟେକ ଅଂଶ କିଛି ନା କିଛି କାମରେ ଲାଗେ । ବିବର୍ତ୍ତନ ବିଜ୍ଞାନୀମାନେ କହୁଛନ୍ତି ଯେ ଦିନେ ଏମାନଙ୍କ ଗୋଡ଼ ଥିଲା ଓ ସ୍ଥଳ ଭାଗରୁ ହିଁ ଏମାନେ ସମୁଦ୍ରକୁ ଯାଇଛନ୍ତି ।

ପିଲାମାନେ ଏସବୁ ଯାହା କହିଲି ତାହା ଗୋଟିଏ ବଡ଼ ଜାତିର ତିମି ବିଷୟରେ । ସେଇଟି ସତେ ଯେପରି ଜୀବଜଗତକୁ କହିଦେଉଛି ମୋ ଭଳି ସିନା ମୁଁ ମୋ ସମକକ୍ଷ ଆଉ କେହି ହୋଇପାରିବେ ନାହିଁ । ଅନ୍ୟ ଜାତିର ତିମିଗୁଡ଼ିକ ହେଲେ ଅପେକ୍ଷାକୃତ ଛୋଟ । ସେଗୁଡ଼ିକୁ ଭିନ୍ନ ଭିନ୍ନ ନାମ ଦିଆଯାଇଛି । ପ୍ରତ୍ୟେକଟିରେ ପ୍ରକୃତି କିଛି କିଛି ନୂଆ ବ୍ୟବସ୍ଥା ସୁବିଧା ପାଇଁ ଖଞ୍ଜି ଦେଇଛି । କେତେକ ଜାତିର ତିମି ପାଟି ମେଲା କରି ମାଡ଼ିଗଲା ବେଳେ ସେମାନଙ୍କ ପାଟିରେ ଥିବା ଗୋଟିଏ ରକମର ଝାଲରରେ ଯେଉଁ ଛୋଟ ଛୋଟ ପ୍ଲାଙ୍କଟନ ଓ ଚୁଙ୍ଗୁଡ଼ି ଭଳି ଛୋଟ ଛୋଟ ଜୀବ ଲାଖି ଯାଆନ୍ତି ସେଗୁଡିକୁ ଖାଇ ସେମାନେ ବଞ୍ଚନ୍ତି । ଦାନ୍ତ ଥିବା ତିମି ଜାତି କିନ୍ତୁ ନିଜେ ଶିକାର କରି ବିଭିନ୍ନ ପ୍ରକାର ମାଛ ତଥା ସାମୁଦ୍ରିକ ଜୀବଙ୍କୁ ଖାଆନ୍ତି ।

ସମୟ ଥିଲା ଏ ମଣିଷ ଜାତି ତିମିକୁ ସହଜରେ ଶିକାର କରିପାରୁ ନ ଥିଲା । କିନ୍ତୁ ବିଜ୍ଞାନର ଅଗ୍ରଗତି ଫଳରେ ନୂଆ ନୂଆ ଫୋପଡ ଯନ୍ତ୍ର ଓ ତିମି ଶିକାର ଜାହାଜ ତିଆରି ହୋଇ ଯିବାରୁ ମଣିଷ ତିମିଗୁଡ଼ିକୁ ବହୁ ସଂଖ୍ୟାରେ ମାରି ପାରୁଛି । ପରିସ୍ଥିତି ଏଭଳି ହେଲାଣି ଯେ ବହୁ ପ୍ରଜାତିର ତିମି ଲୋପ ପାଇବାକୁ ଲାଗିଲେଣି । ଏଗୁଡ଼ିକ ଲୋପ ପାଇ ଗଲେ ପ୍ରକୃତି ସମୁଦ୍ର ଭିତରେ ଜୀବଜଗତ ପାଇଁ ଯେଉଁ ବ୍ୟବସ୍ଥା କରିଛି ତାହା ବିଗିଡ଼ି ଯିବ ବୋଲି ପରିବେଶବିତ୍‌ମାନେ ମତ ଦେଲେଣି । ଯାହା ଫଳରେ ପୃଥିବୀର ଭିନ୍ନ ଭିନ୍ନ ଦେଶ ମିଳିତ ଭାବେ ତିମି ଶିକାର ଉପରେ କଟକଣା ଜାରି କଲେଣି । ଫଳସ୍ୱରୂପ ତିମି ଶିକାର ବହୁ ମାତ୍ରାରେ ହ୍ରାସ ପାଇଛି ।

*ପ୍ରଧାନ ଶିକ୍ଷୟିତ୍ରୀ*
*ସଫିପୁର ପ୍ରାଥମିକ ବିଦ୍ୟାଳୟ, କଟକ ସଦର*

**ଭାଷା ବିଭବ**

# ରୋଡ଼ ରାସ୍ତା

*ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ*

ବାଲ୍ୟ ଓ କୈଶୋର ଆମର ଗ୍ରାମୀଣ ପରିବେଶରେ ଅତିବାହିତ ହୋଇଛି । ଆମ ଗାଆଁର ଲୋକମାନେ ମାଘ ମାସ ଠାରୁ ଆରମ୍ଭ କରି ଜ୍ୟେଷ୍ଠ ମାସ ଭିତରେ ଜାଳକାଠ ସଂଗ୍ରହ କରିବା ପାଇଁ ଦଶ ବାର କିଲୋମିଟର ଦୂରସ୍ଥ ଜଙ୍ଗଲକୁ ନିଜ ନିଜର ଶଗଡ଼ ନେଇ ରାତି ତିନିଟା ଚାରିଟାରୁ ବାହାରି ଯାଉଥିଲେ । ଜଙ୍ଗଲରେ ପହଞ୍ଚିଲା ବେଳକୁ ଠିକ୍ ରାତି ପାହେ । ସେମାନଙ୍କ ପାଖରେ ଘଣ୍ଟା ନ ଥିଲା । ନିର୍ଦ୍ଦିଷ୍ଟ ନକ୍ଷତ୍ର ବା ନକ୍ଷତ୍ରପୁଞ୍ଜକୁ ଦେଖି ସେମାନେ ନିଜର ଯାତ୍ରା ଆରମ୍ଭ କରୁଥିଲେ । ଅନୁମାନ କରି ନିର୍ଭୁଲ ଭାବରେ ସେମାନେ ନିଜର କାର୍ଯ୍ୟ ସମ୍ପାଦନ କରିପାରୁଥିଲେ । ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରି ଅପରାହ୍ଣ ଦୁଇଟାରୁ ଚାରିଟା ମଧ୍ୟରେ ଗାଁକୁ ଫେରି ଆସୁଥିଲେ । ଦିନେ ଅଢ଼େଇଟା କି ତିନିଟା ପାଖାପାଖି ସମୟ ବେଳକୁ ଆମ ପଡ଼ିଶା ଘରର ଜଣେ ଅପାଠୋଇ ସ୍ତ୍ରୀ ଲୋକ କହିଲା, "ପାହାଡ଼ପର୍ବତ ଡେଇଁ କିରି ଆଇଲା, ଏ ରୋଡ଼ରାସ୍ତାରେ ଗାଡ଼ି ଅଖ ଭାଙ୍ଗିଗଲା ।" କଥା କ'ଣ ବୁଝିବାରୁ ଜଣାପଡ଼ିଲା ଯେ ଆମ ଗାଆଁ ମୁଣ୍ଡରେ ଜଣକ ଶଗଡ଼ର ଅଖ ଭାଙ୍ଗି ଯାଇଛି । ତାଙ୍କ ପାଟିରୁ ରୋଡ଼ରାସ୍ତା ଶବ୍ଦଟି ଶୁଣି ମୋତେ ସେଦିନ ଭାରି ହସ ମାଡ଼ିଥିଲା । ସେ ଅପାଠୋଇ ସ୍ତ୍ରୀଲୋକ ପରି ଆମମାନଙ୍କ ପରି ପାଠୁଆ ଲୋକମାନେ ମଧ୍ୟ ଅନେକ ସମୟରେ ପୋଲଖୁଣ୍ଟ, ଶେଷଲାଷ୍ଟ, ଆଗରୁ ଆଡଭାନ୍ସ ଇତ୍ୟାଦି ଶବ୍ଦ ପ୍ରୟୋଗ କରିଥାଉ । କେବଳ ଇଂରେଜୀ ଓଡ଼ିଆ ମିଶା ଶବ୍ଦ ନୁହେଁ ବରଂ ସମାନାର୍ଥକ ଅନେକ ଓଡ଼ିଆ ଶବ୍ଦ ମଧ୍ୟ ପ୍ରୟୋଗ କରାଯାଇଥାଏ । କେତୋଟି ଉଦାହରଣ ମାଧ୍ୟମରେ ଆମେ ତାକୁ ସହଜରେ ବୁଝିପାରିବା ।

ବିଦ୍ୟାଳୟରେ ଏକ ସଭାଟିଏ କରିବା । ଉକ୍ତ ବାକ୍ୟରେ ସଭା ନିମନ୍ତେ ଏକ ଓ ଟିଏ ଉଭୟକୁ ବ୍ୟବହାର କରାଯାଇଥିବାରୁ ଦ୍ୱିରୁକ୍ତି ଦୋଷ ରହିଯାଇଛି । ବିଦ୍ୟାଳୟରେ ଏକ ସଭା କରିବା ବା ବିଦ୍ୟାଳୟରେ ସଭାଟିଏ କରିବା ଲେଖିବା ସମୀଚୀନ ହେବ ।

ପିଲାମାନେ ଆଜି ଆମେ ଏକ ଅନୁଭୂତିମୂଳକ ତଥା ତଥ୍ୟ ଭିତ୍ତିକ ପତ୍ରଟିଏ ବିଷୟରେ ଆଲୋଚନା କରିବା । ପୂର୍ବ ବାକ୍ୟ ପରି ଏହି ବାକ୍ୟରେ ସମାନ ପ୍ରକାରର ତ୍ରୁଟି ରହିଛି । ବାକ୍ୟଟିକୁ ପିଲାମାନେ ଆଜି ଆମେ ଏକ ଅନୁଭୂତିମୂଳକ ତଥା ତଥ୍ୟଭିତ୍ତିକ ପତ୍ର ବିଷୟରେ ଆଲୋଚନା କରିବା କିମ୍ବା ପିଲାମାନେ ଆଜି ଆମେ ଅନୁଭୂତିମୂଳକ ତଥା ତଥ୍ୟ ଭିତ୍ତିକ ପତ୍ରଟିଏ ବିଷୟରେ ଆଲୋଚନା କରିବା ଲେଖିବା ଠିକ୍ ହେବ ।

ସନାତନ ଧର୍ମ ସ୍ୱାଭାବିକ, ସାବଲୀଳ, ସ୍ୱଚ୍ଛନ୍ଦ, ଉନ୍ମୁକ୍ତ, ଉଦାର ତଥା ସର୍ବଜନଗ୍ରାହ୍ୟ ହୋଇଥିବା ଯୋଗୁଁ ଶତ ପ୍ରତିଘାତ ତଥା ପ୍ରତିଦ୍ୱନ୍ଦିତା ଏବଂ ବହିରାକ୍ରମଣ ସତ୍ତ୍ୱେ ମଧ୍ୟ ହଜାର ହଜାର ବର୍ଷ ବ୍ୟାପି ବିଶ୍ୱକୁ ଆପଣାର ମଣି ମାର୍ଗଦର୍ଶନ ଦେଇ ଚାଲିଛି । ଉଲ୍ଲିଖିତ ବାକ୍ୟରେ ସତ୍ତ୍ୱେ ଓ ମଧ୍ୟ ଦୁଇଟି ସମାନ ଅର୍ଥଯୁକ୍ତ ଶବ୍ଦର ପ୍ରୟୋଗ କରାଯାଇଛି । ଏହାକୁ ଠିକ୍ କରି ଲେଖିଲେ ସନାତନ ଧର୍ମ ସ୍ୱାଭାବିକ, ସାବଲୀଳ, ସ୍ୱଚ୍ଛନ୍ଦ, ଉନ୍ମୁକ୍ତ, ଉଦାର ତଥା ସର୍ବଜନଗ୍ରାହ୍ୟ ହୋଇଥିବା ଯୋଗୁଁ ଶତ ପ୍ରତିଘାତ ତଥା ପ୍ରତିଦ୍ୱନ୍ଦିତା ଏବଂ ବହିରାକ୍ରମଣ ସତ୍ତ୍ୱେ ହଜାର ହଜାର ବର୍ଷ ବ୍ୟାପି ବିଶ୍ୱକୁ ଆପଣାର ମଣି ମାର୍ଗଦର୍ଶନ ଦେଇ ଚାଲିଛି ବା ସନାତନ ଧର୍ମ ସ୍ୱାଭାବିକ ଏବଂ ବହିରାକ୍ରମଣ ହେଲେ ମଧ୍ୟ ହଜାର ହଜାର ବର୍ଷ ବ୍ୟାପି ବିଶ୍ୱକୁ ଆପଣାର ମଣି ମାର୍ଗଦର୍ଶନ ଦେଇ ଚାଲିଛି ।

ତା'ର ଫଳରେ ସ୍କୁଲ ପ୍ରତିଷ୍ଠା ହେଲା, ଶିକ୍ଷାନୀତି ପ୍ରଣୀତ ହେଲା ଓ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ପ୍ରସ୍ତୁତ ହେବା ଆରମ୍ଭ ହେଲା । ଏହି ବାକ୍ୟରେ ଦୁଇଟି ଓ ବ୍ୟବହାର କରାଯାଇଥିବାରୁ ଦ୍ୱିରୁକ୍ତି ଦୋଷ ରହିଛି । ତାକୁ ତାର ଫଳରେ ସ୍କୁଲ ପ୍ରତିଷ୍ଠା ହେଲା, ଶିକ୍ଷାନୀତି ପ୍ରଣୀତ ହେଲା, ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ପ୍ରସ୍ତୁତ ହେବା ଆରମ୍ଭ ହେଲା କିମ୍ବା ତାର ଫଳରେ ସ୍କୁଲ ପ୍ରତିଷ୍ଠା ହେଲା, ଶିକ୍ଷାନୀତି ପ୍ରଣୀତ ହେଲା ଓ ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତ ହେବା ଆରମ୍ଭ ହେଲା ଲେଖିଲେ ଭଲ ହେବ ।

*ପ୍ରାନ୍ତ ନିରୀକ୍ଷକ, ଶିକ୍ଷା ବିକାଶ ସମିତି, ଓଡ଼ିଶା*

**କବିତା ପସରା**

# ପଣା ସଂକ୍ରାନ୍ତି

▪ ଶ୍ରୀ ହେମନ୍ତକୁମାର ପ୍ରଧାନ

ଶୀତ ଯାଇ ହେଲା ଖରା
ଉଷୁମ ହେଲାଣି ଧରା
ଓଡ଼ିଆ ପାଞ୍ଜିରେ ନୂଆ ବରଷଟା ଆସିଯାଇଅଛି ପରା ।
ସୂର୍ଯ୍ୟଙ୍କ ଗତିର ସାଥେ
ଜଗତ ଜନଙ୍କ ହିତେ
ମେଷ ମାସର ସେ ପହିଲି ଦିନଟି ପାଳନ୍ତି ଓଡ଼ିଆ ଯେତେ ।
ତା ନାମ ପଣା ସଂକ୍ରାନ୍ତି
ମହାବୀରଙ୍କ ଜୟନ୍ତୀ
ମଠ ମନ୍ଦିରରେ ମହା ଆନନ୍ଦରେ ହୁଏ କେତେ ଦେବ ନୀତି ।
ନାୟକ ବାପୁଡ଼ା ଆସି
ଚଉପାଢ଼ୀ ପରେ ବସି
ଆଗାମୀ ସାଲର ବରଷା ବତାସ କହିଦିଏ ଅଙ୍କ କଷି ।
ଶ୍ରୀ ଜଗନ୍ନାଥଙ୍କ ଧାମେ
ବୀର ଗଜପତି ନାମେ
ଏହି ଦିନ ଠାରୁ ଓଡ଼ିଆ ପରବ ବରଷକ ପାଇଁ ଜମେ ।

*ପ୍ରଧାନାଚାର୍ଯ୍ୟ,*
*ସ.ଶି.ବି.ମ, ତାଳଚେର*




# କୁଳବୃଦ୍ଧ ମଧୁସୂଦନ

*ଚୁମ୍ମି ଦାଶ (ମିଶ୍ର)*

ଉତ୍କଳ ଗୌରବ ଉତ୍କଳର ଗର୍ବ
ଓଡ଼ିଆ ଜାତିର ଟେକ,
ଦେଖି ଦେଲେ ତାଙ୍କୁ ନମିବ ନିଶ୍ଚୟ
ସିଏ ଆମ କୁଳ ବୃଦ୍ଧ ॥
ମଧୁବାବୁ ଥିଲେ ଓଡ଼ିଶାର ଜଣେ
ଇଂରାଜୀରେ ସେ ଏମ.ଏ
ପ୍ରଥମ ଓକିଲ ପ୍ରଥମ ମନ୍ତ୍ରୀ ସେ
ବିଲାତ ଯାତ୍ରୀ ସେ ଜଣେ ॥
ପଢୁଆ ଲଢୁଆ ମଣିଷ ଗୋଟିଏ
ଭାରତରେ ଜଣା ଶୁଣା,
ଦରିଦ୍ରଙ୍କୁ ପ୍ରେମ ସରଳ ଜୀବନ
ସ୍ନେହ ଶ୍ରଦ୍ଧା ନୁହେଁ ଊଣା ॥
ଓଡ଼ିଆମାନଙ୍କ ଦୁର୍ଦ୍ଦଶା ଦେଖିଣ
କାନ୍ଦୁଥିଲା ଯାହା ପ୍ରାଣ
ଉତ୍କଳ ଗୌରବ ମଧୁସୂଦନ ସେ
ମଧୁ ବାରିଷ୍ଟର ନାମ ॥
ଉତ୍କଳ ଟ୍ୟାନେରୀ ଜୋତା କାରଖାନା
କରିଥିଲେ ଦିନେ ସିଏ,
ଦେଶ ବିଦେଶକୁ ରପ୍ତାନି କରିଣ
ଟେକ ରଖିଥିଲେ ସିଏ ॥
ଭାରତ ମାତାର ଯୋଗ୍ୟତମ ସୁତ
ଉତ୍କଳର ବୀରପୁତ

*ଶାନ୍ତିପଡ଼ା, ବଲାଙ୍ଗୀର*

# ଆମେ ଓଡ଼ିଆ

*ଧରଣୀଧର ଦାସ*

ଓଡ଼ିଆ ବୋଲିରେ ମନେ ଗର୍ବ ବହି
ବୋଲାଉ ନିଜକୁ ଓଡ଼ିଆ
ଓଡ଼ିଆ ପୀରତି ତୋର କାହିଁ ଗଲା
ଜଣାପଡ଼େ ଗୋଳମାଳିଆ
ବଙ୍ଗାଳି, ତେଲେଙ୍ଗା ହିନ୍ଦୀ ଭାଷାଙ୍କର
ପୀରତି କରୁଛି ବାଇଆ
ଓଡ଼ିଆ ସଂସ୍କୃତି ଓଡ଼ିଆ ଗରିମା
ମୁହଁକୁ ଲାଗୁଛି ଲୁଣିଆ ।
ଓଡ଼ିଆ ଭାଷା ତ ଫୁଙ୍ଗୁଳା ହେଲାଣି
ଅନୁସ୍ୱାର ଶବଦ ଯୋଡ଼ି
ବର୍ଣ୍ଣବୋଧ ଭାଷା ମଧୁକୁ ଭାଳନ୍ତି
ଯୁକ୍ତାକ୍ଷରେ ପଡ଼ିଛି ବେଡ଼ି ।
କାର୍ତ୍ତିକ ମାସର ବୋଇତ ବନ୍ଦାଣ
ଦିନକୁ ଦିନ ଯାଏ ବୁଡ଼ି
ଇଂରାଜୀ ସଭ୍ୟତା ଫେସନ ମମତା
ତଣ୍ଟିଆ ଦିଅନ୍ତି ବେକ ମୋଡି ।
ଚଉଁରା ଗଲାଣି ଶାଶୂ ଅମଳରୁ
ତୁଳସୀ ଚାହିଁଛି ଆଁ ହୋଇ
ଶଙ୍ଖ ହୁଳହୁଳି ବନ୍ଧକ ପଡ଼ିଛି
ଦୀପାଳି କାନ୍ଦେ କଇଁ କଇଁ ।
ଓଡ଼ିଆ ସାହିତ୍ୟ ଓଡ଼ିଆ ସଂଗୀତ
ଓଡ଼ିଆ କଳା କୌଶଳ
ଭୁଲିଛି ଓଡ଼ିଆ ନିଜର ଚାତୁରୀ
(ହୋଇ) ପ୍ରତିବେଶୀ ପ୍ରେମେ ପାଗଳ
ଓଡ଼ିଆ ଓଡ଼ିଆ ପାଦ ଟଣାଟଣି
ଉଠିବ ଖାଇବ ପାହାର
ଦିଲ୍ଲୀ ଦରବାର ପଥ ବହୁ ଦୂର
ମୁଁ ମରୁଛି ତୁ ଏଠି ମର ।
କହରେ ଓଡ଼ିଆ ଉଠିବୁ ତୁ କେବେ
ହୋଇନି କି ତୋତେ ବେଳ

ପୂରୁବ ଗୌରବ ପୂରୁବ ମହିମା
ଲୋଟିଲା କି ମହାକାଳ ।
ତୋହରି ଭୂଇଁରେ ମଧୁ ଗୋପବନ୍ଧୁ
ଫକୀର ଗଉରୀ ତୋ ଭାଇ
ଉତ୍କଳ ଜନନୀ କୋଳ ମୁଣ୍ଡିଥିଲେ
ସ୍ୱତନ୍ତ୍ର ଉତ୍କଳ ପାଇଁ ।
ଉତ୍କଳ ଦିବସ ପାଳୁଛୁ ଆଜିରେ
ନାହିଁ ଉତ୍କଳୀୟ ଭାବ
ଚକୁଳି ଖାଇବା ଅଭ୍ୟାସ ହେଲାଣି
ବିନ୍ଧ ଗଣିଲେ ବା କି ହେବ ?
ତଥାପି ଟିକିଏ ମନେ ମନେ ହେଜ
ସ୍ମରି ନିଜର ବୁଦ୍ଧି ବଳ
ଆପଣା ଆପଣା ମଧ୍ୟେ କିଆଁ କଳି
ସେ ଉତ୍କଳ ଏ କୋଶଳ ।
ଉତ୍କଳ କୋଶଳ ଯାହାଟି ହେଲେ ବି
ଆମେ ତ ସରବେ ଓଡିଆ
ଓଡିଶାର ପାଣି ପବନ ଭୁଖଣ୍ଡ
ନାଆଁ ତା ଉତ୍କଳ ମାଆ
ସଂସ୍କୃତି ସ୍ମରିବା ଉତ୍ସବ ମାନିବା
ଏ ଆପଣାର ସ୍ୱାଭିମାନ
ତେବେ ସିନା ଗର୍ବେ କହିବା ଅନ୍ୟକୁ
ଧନ୍ୟ ଏ ଉତ୍କଳ ଧନ୍ୟ ।
ଆପଣା ସ୍ୱାର୍ଥକୁ ଛାଡ଼ିବାରେ ଯେବେ
ଆଦରି ଉତ୍କଳ ହିତ
ତେବେ ସିନା ଆମ ଉତ୍କଳ ଜନନୀ
ସାରା ବିଶ୍ୱେ ହେବ ପୂଜିତ ।
ଭୁଲି ଭେଦ ଭାବ ଆଶାରେ ଓଡିଆ
ପୂଜିବା ଉତ୍କଳ ମାତା
ଅଙ୍ଗୁଳି ଦେଖାଇ କହିବେନି କେହି
ଉତ୍କଳ ଅବହେଳିତ ।

*ସହପ୍ରାନ୍ତ ପ୍ରମୁଖ, ଶିକ୍ଷାସୃଜନୀ*

**ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ।।**

## ମଧୁବାବୁ ପରି

*ଶୁଭକାନ୍ତ ସାହୁ*

ପଢ଼ିବାକୁ ଯଦି ଚାହୁଁଛୁ ଧନରେ
ମଧୁବାବୁ ପରି ପଢ଼,
ସବୁଠି ପ୍ରଥମ ସ୍ଥାନକୁ ଦଖଲି
ଆଗକୁ ଆଗକୁ ବଢ଼ ।
ଲଢ଼ିବାକୁ ଯଦି ଚାହୁଁଛୁ ଧନରେ
ମଧୁବାବୁ ପରି ଲଢ଼
ପଇସା ପାଇଁ କି ଲୋଭ ଟି ନରଖି
ସ୍ୱାଭିମାନ ସିଡ଼ି ଚଢ଼ ।
ଗଢ଼ିବାକୁ ଯଦି ଚାହୁଁଛୁ ଧନରେ
ମଧୁବାବୁ ପରି ଗଢ଼
ଉତ୍ପାଦ ନିଖୁଣ ଓଡ଼ିଆର ମାନ
ଖୁଣକୁ ନିଆଁରେ ପୋଡ଼
ମାଡିବାକୁ ଯଦି ଚାହୁଁଛୁ ଧନରେ
ମଧୁବାପୁ ପରି ମାଡ,
ପଛକୁ ନ ଚାହିଁ ମଥା ଟେକି ଚାଲ
ସମାଜ ବାଧାକୁ ଛାଡ
ବାଢ଼ିବାକୁ ଯଦି ଚାହୁଁଛୁ ଧନରେ
ମଧୁବାବୁ ପରି ବାଢ଼
ଭୋକିଲା ପେଟକୁ ଦାନା ଯାଚିଦେଇ
ଟଙ୍କା ତାଙ୍କ ଠୁଁ ନ କାଢ଼ ।
ତଡ଼ିବାକୁ ଯଦି ଚାହୁଁଛୁ ଧନରେ
ମଧୁବାବୁ ପରି ତଡ଼
ମାଟିଦ୍ରୋହୀ ଭାଷାଦ୍ରୋହୀଙ୍କୁ ତଡ଼ିବୁ
ଯାବତ ଜୀବନ ଲଢ଼ ।
ଯୋଡିବାକୁ ଯଦି ଚାହୁଁଛୁ ଧନରେ
ମଧୁବାବୁ ପରି ଯୋଡ଼
ଉପାନ୍ତ ପ୍ରବାସୀ ଓଡିଆଙ୍କୁ ଯୋଡି
ନୂଆଁ ଓଡିଶାଟେ ଗଢ଼ ।
ଛାଡ଼ିବାକୁ ଯଦି ଚାହୁଁଛୁ ଧନରେ
ମଧୁବାବୁ ପରି ଛାଡ଼
ଜନସେବା ନାମେ ପାଉଣା ବିରୋଧୀ
ସ୍ୱାଭିମାନୀ ଭାବେ ବଢ଼ ।
ଜଡ଼ିବାକୁ ଯଦି ଚାହୁଁଛୁ ଧନରେ
ମାତୃଭାଷା ପ୍ରେମେ ଜଡ
ମାତୃଭୂମି ମାତୃଭାଷାକୁ ସେବୁ ଥା
ଏ ସେବା କେଭେଁ ନ ଛାଡ଼ ।

*ଦେଉଳପଲ୍ଲୀ, ପୋଲସରା, ଗଞ୍ଜାମ*

## ଓଡ଼ିଆ ମୋ ମାତୃଭାଷା

*ଅକ୍ଷୟ କୁମାର*

ଜନମିଥିଲି ମୁଁ ଜନନୀ ଜଠରୁ କୁଆଁ କୁଆଁ କହି କହି ।
କୁଆଡ଼େ ଥିଲି ମୁଁ କୁଆଡ଼େ ଆସିଲି ମୁଖେ ମାତୃଭାଷା ବହି ॥
କୁଆଁର ପଦରେ ରହିଛି ଛନ୍ଦରେ ମାଆ ବୋଲି ଯେଉଁ ଶବ୍ଦ ।
ସେହି ମାଆ ଡାକ ମୋର ଆଦ୍ୟ ବାକ୍ୟ ଯୁଗ ଜଗତେ ପ୍ରସିଦ୍ଧ ॥
ମାଆରେ ରହିଛି ମାଟିରୁ ଆକାଶ ଏଯେ ମମତା ପୀୟୂଷ ।
ବାପା ହାତ ଧରି ବାଟ ମୁଁ ଚାଲିଲି ପାଇ ନାନା ଉପଦେଶ ॥
ମୋ ଆଦି ପୁରୁଷ ସବୁଠୁ ସରସ ଓଡ୍ର କହେ ଇତିହାସ ।
ଓଡ୍ରାରୁ ଓଡ଼ିଆ ଭାଷା ମୋ ବଢ଼ିଆ ହୃଦେ ମଧୁର ପରଶ ॥
ହୃଦୟ କନ୍ଦରେ ଅଳିନ୍ଦ ନିଳୟେ ରକ୍ତପିତେ ସଂଚଳନା ।
ଏହି ମୋର ଭାଷା ପ୍ରିୟ ମାତୃଭାଷା ଆନେ ନାହିଁ ପ୍ରୟୋଜନା ॥
ଭାରତ ଭୂମିର ପ୍ରାଚୀ ଭୂଖଣ୍ଡର ଏହି ଇଣ୍ଡୋ ଆର୍ଯ୍ୟ ଭାଷା ।
ଦଶମ ଶତାବ୍ଦୀ ଯୁଗରେ ଜନ୍ମିଛି ସହି ହିଂସା ପ୍ରତିହିଂସା ॥
ମୋ ମାତୃଭାଷାର ସୁରକ୍ଷା ପାଇଁକି କେତେ ହେଁ ଯେ ଆଲୋଡ଼ନ ।
ଭାଷା ଆନ୍ଦୋଳନେ ପୁରଧା ହୋଇଲେ ବ୍ୟାସ ଫକୀରମୋହନ ॥
ମାତୃଭୂମି ମାତୃଭାଷାର ମହତ୍ତ୍ୱ ପ୍ରଚାର ପ୍ରସାର ପାଇଁ ।
ସେ ଆଦି ପତ୍ରିକା ଉତ୍କଳଦୀପିକା ଏଯାବତ୍ ଅଛି ଜୀଇଁ ॥
ଭାଷା ପୃଷ୍ଠଭୂମି ସୁରକ୍ଷା ସଂଗ୍ରାମେ ବିପ୍ଳବୀ ପ୍ରଦୀପ ଜାଳି ।
ଶହେ ପାନ ସାଥେ ଦୁଇଶହ ଗୁଆ ଯୋଡ଼ି କଲେ ପ୍ରଜାମେଳି ॥
ଧରଣୀଧରରେ ଏମନ୍ତ ଯୋଗାଡ଼ି ଉତ୍ତର ଭାଗକୁ ଯିବୁ ।
ମାହାରା ବାନ୍ଧି ତୁ ମୋହରା ବନେଇ ଆଖୁ ଉହାଡ଼େ ରଖିବୁ ॥
ଏତିକି କଥାରେ ଲୁଚିଥିଲା ଯେଉଁ ବିପ୍ଳବୀର ପରିଭାଷା ।
ସେଥିଲାଗି ସିନା ଜଗତେ ପ୍ରସିଦ୍ଧ ଓଡ଼ିଆ ମୋ ମାତୃଭାଷା ॥
ବନ୍ଧୁର ବନ୍ଧରେ ବାଟ ଚାଲୁଚାଲୁ ଯେବେ ଝୁଣ୍ଟି ପଡ଼ିଯାଏ ।
ବୋଉ ଲୋ ବୋଲି ଯା ଆପେକ୍ଷିକ ଭାଷା କଷ୍ଟ କ୍ଳାନ୍ତି ହରିନିଏ ॥
ମୋର ମାତୃଭାଷା ହୃଦୟର ଭାଷା ତା ସରି କାହିଁରେ ନାହିଁ ।
ଗର୍ବରେ ଦର୍ପରେ କହିବି ଓଡ଼ିଆ ମୁଖେ ମିଷ୍ଟ ଭାଷା ବହି ॥
ଆନ୍ତର୍ଜାତୀୟ ମାତୃଭାଷାସୋବେ ସକଳେ ନେବା ଶପଥ ।
ଭାବିବା ଭାଷିବା ଲେଖିବା ଓଡ଼ିଆ ହେଉ ଏହା ମୂଳମନ୍ତ୍ର ॥

**କୁଷ୍ଠ ଯେସନେ ରୂପ ନାଶେ । ଲୋଭ ତେମନ୍ତ ଗୁଣ ଯଶେ ॥**

# ଆମେ ସବୁ ଭାଇ ବନ୍ଧୁ

*ସୀମାଞ୍ଚଳ ଖଟୁଆ*

କୁକୁଡା ଆମର ଆଲାରାମ ଘଣ୍ଟା
କାଉଟା ଯେ ଘଣ୍ଟପିଟା,
କାଆ କାଆ ରାବି ସଭିଙ୍କୁ ଉଠାଏ
କର୍ତ୍ତବ୍ୟରେ ରଖି ନିଷ୍ଠା ।
ଗୋମାତା ଆମର ଦିଏ କ୍ଷୀର ଦହି
ଘିଅ ଗୋମୂତ୍ର ଗୋବର
ସବୁ ଇଚ୍ଛା ଆମ ପୂରଣ କରିଣ
କାମଧେନୁ ନାମ ତା'ର ॥
ପିଲାଙ୍କର ଖେଳ ବେଙ୍ଗର ଯେ କାଳ
ଏକଥା ସଭିଙ୍କୁ ଜଣା,
ପରିବେଶ ଆମ ନିର୍ମଳ ରଖନ୍ତି
କୁଆ କୁକୁର ଶାଗୁଣା ॥
ସାପ ଖାଏ ବେଙ୍ଗ ବେଙ୍ଗ ଖାଏ କଙ୍କି
ବାଘ ଖାଏ ହରିଣକୁ,
ସୃଷ୍ଟିର ନିୟମ ଏସବୁ ପରବ
ଭାରସାମ୍ୟ ରଖିବାକୁ ॥
ବୃକ୍ଷର ଜୀବନ ତ୍ୟାଗର ଜୀବନ
ତ୍ୟାଗର ଅପାର ସିନ୍ଧୁ,
କୃଷି ଆବଶ୍ୟକ ଜୀବନ ଧାରଣେ
ଜିଆ ତ କୃଷକବନ୍ଧୁ ॥
ଆମ ପାଇଁ କରି ଜଙ୍ଗଲ ସୁରକ୍ଷା
ହେଲେ ବାଘ ଆମ ମାମୁ,
ଗଗନେ ବିଚରି ହେମ ପରଶନ୍ତି
ହସି ହସି ଜହ୍ନମାମୁ ॥
ବଗୁଲୀ ନାନୀଟି ଧୋବ ଫର ଫର
କଜଳପାତିଆ କଳା,
ବସନ୍ତ ଋତୁରେ କୋଇଲି ଯେ ଗାଏ
ଲହରାଇ ତା'ର ଗଳା ॥
ତାଥେଇ ତାଥେଇ ମୟୂର ନାଚଇ
କଳାରଙ୍ଗ ମେଘ ଦେଖି,
ବରଷା ଋତୁରେ ହଂସ ହଂସରାଳି
ହୁଅନ୍ତି ଯେ ନିରିମାଖି ॥
ସଞ୍ଜ ଆସିଗଲେ ବିଲୁଆ ନନାଟା
ଡାକୁଆ ହୋଇଣ ଯାଏ,
ଗାତରୁ ବାହାରି ଊର୍ଦ୍ଧ ମୁଖ ହୋଇ
ହୁକେ ହୋ ହୋ କରୁଥାଏ ॥
ସଞ୍ଜ ଆଗମନେ ନୀଡ଼କୁ ଫେରନ୍ତି
ବିହଙ୍ଗେ ଗୀତକୁ ଗାଇ,
କାକଳିକି ଶୁଣି ଗ୍ରାମ ସୀମନ୍ତିନୀ
ସଞ୍ଜକୁ ଅର୍ପନ୍ତି ନେଇ ॥
ପୁଷି ମାଉସୀଟି ବଡ଼ ଚିକିଣେଇ
ଭଲ ଜାଗା ଦେଖି ଶୁଏ,
ମୂଷା ଅସରପା ଧରିଣ ଆନନ୍ଦେ
ଜଳଖିଆ କରିଥାଏ ॥
ଏ ସାରା ସଂସାର ଆମ ପରିବାର
ଆମେ ସବୁ ଭାଇ ବନ୍ଧୁ,
ମିଳି ମିଶି ସର୍ବେ ଜୀବନ ଜୀଇଁଣ
ପାର ହେବା ଭବ ସିନ୍ଧୁ ॥

*ପ୍ରାନ୍ତ ସେବା ପ୍ରମୁଖ*

ଅର୍ଜନେ ସାଧନେ ସଞ୍ଚୟେ । ଧନ ସେ ସର୍ବ ଦୁଃଖମୟେ ॥

ଗୀତା ଜ୍ଞାନ

# ଓଁ ଶ୍ରୀ ପରମାତ୍ମନେ ନମଃ



ଧର୍ମଭୂମି କୁରୁକ୍ଷେତ୍ରର ଗୋଟିଏ ପଟରେ ବିଶାଳ କୌରବ ସେନାନୀ ଏବଂ ବିପରୀତ ପକ୍ଷରେ ସୁସଜ୍ଜିତ ପାଣ୍ଡବ ସେନା । ଉଭୟ ସେନାଙ୍କ ମଧ୍ୟଭାଗରେ ଧବଳ ଅଶ୍ୱଯୁକ୍ତ ଦିବ୍ୟ କପିଧ୍ୱଜ ରଥ ଉପରେ ବିରାଜମାନ କରିଛନ୍ତି ଶ୍ରୀକୃଷ୍ଣ । ରଥର ପଶ୍ଚାତ୍ ଭାଗରେ ଯୋଡ଼ ହସ୍ତରେ ଉପବେଶନ କରିଛନ୍ତି ଦ୍ୱିଧାଗ୍ରସ୍ତ ଅର୍ଜୁନ । ଶ୍ରୀକୃଷ୍ଣ ଆଉ ରଥର ସାରଥି ନୁହନ୍ତି, ଅର୍ଜୁନଙ୍କ ସଖା ନୁହନ୍ତି ସେ ଗୁରୁଶ୍ରେଷ୍ଠ ଯୋଗେଶ୍ୱର ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଭଗବାନଙ୍କର ଶରଣାଗତ ତଥା ପ୍ରିୟ ଶିଷ୍ୟ । ଅର୍ଜୁନ ଭଗବାନଙ୍କୁ ଅନୁରୋଧ କରିଥିଲେ । ମୁଁ ଆପଣଙ୍କ ଶିଷ୍ୟ ତେଣୁ ମୋତେ ଶିକ୍ଷା ପ୍ରଦାନ କରନ୍ତୁ । ମୁଁ ଆପଣଙ୍କର ଶରଣାଗତ (ଶିଷ୍ୟଃ ତେ ଅହମ ମାଧି ମାଂ ତ୍ୱାମ ପ୍ରପନ୍ନମ୍) ଗୁରୁଶିଷ୍ୟ ପରମ୍ପରାର ଏହି ଚିରନ୍ତନୀ ଫଲଗୁ ଅଧୁନା ପ୍ରବାହିତ । ଏକ ଅନନ୍ୟ ପୃଷ୍ଠଭୂମିରେ ଭଗବାନ ତାଙ୍କର ଅଲୌକିକ ଉପଦେଶ ଆରମ୍ଭ କରିବାକୁ ଯାଇ ସର୍ବ ପ୍ରଥମେ ଶରୀର ଓ ଶରୀରୀ (ଆତ୍ମା)ର ବିଭାଗ ଦ୍ୱିତୀୟ ଅଧ୍ୟାୟର

✸ ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ

୧୧ତମ ଶ୍ଳୋକରେ ବର୍ଣ୍ଣନା କରୁଛନ୍ତି ।

ଶ୍ରୀ ଭଗବାନୁବାଚ

ଅଶୋଚ୍ୟାନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂ ମଶ୍ଚ ଭାଷସେ ।

ଗତାସୂନଗତାସୂଂଶ୍ଚ ନ ଅନୁଶୋଚନ୍ତି ପଣ୍ଡିତାଃ ।।

ଶ୍ରୀ ଭଗବାନ କହୁଛନ୍ତି ଯାହାଙ୍କ ନିମନ୍ତେ ଶୋକ କରିବା ଅନୁଚିତ ତୁମେ ସେମାନଙ୍କ ପାଇଁ ଶୋକ କରୁଛ ଏବଂ ପଣ୍ଡିତଙ୍କ ଭଳି କଥା କହୁଛ । କିନ୍ତୁ ମୃତ ବା ଜୀବିତଙ୍କ ପାଇଁ ବିଜ୍ଞଜନମାନେ ଶୋକ କରନ୍ତି ନାହିଁ ।

ଶରୀର ସମ୍ବନ୍ଧୀୟ ମମତା ଓ ମୋହ ହିଁ ଅର୍ଜୁନଙ୍କ ବିଷାଦର କାରଣ ଥିଲା । ସେ ଭାବୁଥିଲେ ଯେ ଯୁଦ୍ଧରେ ଭାଗ ନେଇଥିବା ସ୍ୱଜନମାନଙ୍କ ନିଧନର ଫଳସ୍ୱରୂପ ପ୍ରାପ୍ତ ବିଜୟ ତାଙ୍କୁ ସୁଖ ପ୍ରଦାନ କରିପାରିବ ନାହିଁ । ଯୁଦ୍ଧାନ୍ତେ ଯେଉଁମାନେ ଜୀବିତ ରହିବେ, ସେମାନଙ୍କ ସାହଚର୍ଯ୍ୟ ଯେ ତାଙ୍କୁ ଆନନ୍ଦ ଦେଇପାରିବ, ଏହା ମଧ୍ୟ ସେ ଆଶା କରିପାରୁ ନାହାନ୍ତି । ତେଣୁ ଅର୍ଜୁନଙ୍କ ମନରେ ଉଦ୍ରେକ ହୋଇଥିବା ଏହି ପ୍ରକାର ଆଶଙ୍କା ଓ ଦ୍ୱନ୍ଦ୍ୱର ନିରାକରଣ ନିମନ୍ତେ ଭଗବାନ ଅର୍ଜୁନଙ୍କୁ ଆତ୍ମାର ଅବିନାଶୀ ତତ୍ତ୍ୱର ଧାରଣା ଦେବାକୁ ଉଚିତ ମନେ କରି ଉପର୍ଯ୍ୟୁକ୍ତ ଶ୍ଳୋକରେ ଏହିପରି କହୁଛନ୍ତି । ଅଧିକନ୍ତୁ ଅର୍ଜୁନ ଭଗବାନଙ୍କୁ ମନର କଲ୍ୟାଣର ଉପାୟ ପଚାରିଛନ୍ତି । ସଂସାରରେ ସତ୍ ଓ ଅସତ୍, ଶରୀର ଓ ଶରୀରୀ, ଜଡ଼ ଓ ଚେତନ ଏହି ପ୍ରକାର ଦୁଇଟି କଥା ଦେଖାଯାଏ । ଏହି ଦୁଇଟି ମଧ୍ୟରୁ ଶରୀର ତଥା ଅସତ୍ର ବିନାଶ ସଂଘଟିତ ହୋଇଥାଏ । ଯାହା ଜଡ଼ ଅଟେ ତା'ର ଅବସ୍ଥାର ପରିବର୍ତ୍ତନ ଓ କ୍ଷୟ ହୁଏ । ଶରୀରୀ, ସତ ଓ ଚେତନ କଦାପି ବିନାଶ ହୁଏ ନାହିଁ । ଏହି ଦୁଇଟି ତତ୍ତ୍ୱର ପ୍ରଭେଦକୁ ସ୍ୱୀକାର କଲେ ହିଁ ମାନବର କଲ୍ୟାଣ ସମ୍ଭବପର । ଶରୀର ଯେ ସ୍ଥାୟୀ ନୁହେଁ,

ଏହାର କ୍ଷୟ ହୋଇଥାଏ ଏହା ସତ୍ୟ ଏବଂ ଶରୀରୀ ଯେ ଅବିନାଶୀ ଏହା ମଧ ସତ୍ୟ । ତେଣୁ ଉଭୟ ଶରୀର ଓ ଶରୀରୀ ଅଶୋଚ୍ୟ ଅଟନ୍ତି, ଅର୍ଥାତ ଶୋକ ଯୋଗ୍ୟ ନୁହନ୍ତି । ସେଥିପାଇଁ ଭଗବାନ ଅର୍ଜୁନଙ୍କ ଉଦ୍ଦେଶ୍ୟରେ କହୁଛନ୍ତି ଯେ, ଯାହାଙ୍କ ପାଇଁ ଶୋକ କରିବା ଅନୁଚିତ । ତୁମେ ତାହାଙ୍କ ପାଇଁ ଶୋକ କରୁଛ ।

ନିଜର ନିର୍ଣ୍ଣୟ ମୁଁ ଯୁଦ୍ଧ କରିବି ନାହିଁ ଏହାର ସପକ୍ଷରେ ଅର୍ଜୁନ ଅନେକ ଯୁକ୍ତି ଉପସ୍ଥାପନ କରିଥିଲେ । ଯୁଦ୍ଧର ପରିଣାମରେ କୁଳଧର୍ମ ନଷ୍ଟ ହୋଇଯିବ ତଥା ପିତୃପୁରୁଷମାନେ ଉଦ୍ଧାର ହୋଇ ପାରିବେ ନାହିଁ, ଯୁଦ୍ଧରେ ଦଣ୍ଡାୟମାନ ଆତତାୟୀ କୌରବମାନଙ୍କୁ ହତ୍ୟା କଲେ ଆମକୁ ପାପ ଲାଗିବ, ଯୁଦ୍ଧରେ ଉପସ୍ଥିତ କୁଟୁମ୍ବ ମାନଙ୍କ ନିଧନରେ ମୋର ଯେ କଲ୍ୟାଣ ହେବ, ଏହା ମୁଁ ଦେଖିପାରୁନାହିଁ, ଏହି ଯୁଦ୍ଧର ପରିଣାମରେ ନିଜର ଧର୍ମ ନଷ୍ଟ ହୋଇଯିବ ଇତ୍ୟାଦି । ଅର୍ଜୁନ ଜଣେ ଜ୍ଞାନୀ ଭଳି ଅନେକ ଯୁକ୍ତି ଭଗବାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ତେଣୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି ଯେ ଏକ ପକ୍ଷରେ ତୁମେ ସବୁ ଜାଣିଲା ପରି ବଡ଼ ବଡ଼ କଥା କହୁଛ, ଅନ୍ୟ ପକ୍ଷରେ ମୂର୍ଖଙ୍କ ସଦୃଶ ଶୋକ ମଧ କରୁଛ । ପରନ୍ତୁ ଜୀବିତ ବା ମୃତ ମାନଙ୍କ ପାଇଁ ପଣ୍ଡିତମାନେ କଦାପି ଶୋକ କରନ୍ତି ନାହିଁ । ତେଣୁ ତୁମେ ପ୍ରକୃତରେ ପଣ୍ଡିତ ନୁହଁ ।

ସତ୍ ଓ ଅସତ୍ ସମ୍ବନ୍ଧୀୟ ବିବେକ ବୁଦ୍ଧିର ନାମ (ପଣ୍ଡା) ଅଟେ । ଯେଉଁ ମନୁଷ୍ୟର ସେହି ବୁଦ୍ଧି (ପଣ୍ଡା) ବିକଶିତ ହୋଇ ପାରିଛି ସେ ପଣ୍ଡିତ ଅଟେ । ଶ୍ଳୋକରେ ମୃତବ୍ୟକ୍ତିଙ୍କ ନିମନ୍ତେ ଗଣସୂନ ଓ ଜୀବିତ ମାନଙ୍କ ଉଦ୍ଦେଶ୍ୟରେ ଗଣସୂଂଷ୍ଟ ପ୍ରୟୋଗ କରାଯାଉଛି । ଅର୍ଜୁନ ଉଭୟ ଜୀବିତ ଓ ମୃତଙ୍କ ନିମନ୍ତେ ଚିନ୍ତା ପ୍ରକଟ କରିଥିଲେ । ବସ୍ତୁତଃ ଏହି ଚିନ୍ତା ଏକ କାରଣ ଦୁଇଟିଯାକ ଚିନ୍ତା ଶରୀର ସମ୍ବନ୍ଧୀୟ । ତେଣୁ ଏହି ଚିନ୍ତାରେ ଶୋକ କରିବା ବିବେକ ଅନୁମୋଦିତ ନୁହେଁ । ଏହି ଦୃଷ୍ଟିରୁ ବିଚାର କଲେ ମହାଭାରତର ଦୁଇଟି ଚରିତ ଧୃତରାଷ୍ଟ୍ର ଓ ଅର୍ଜୁନ ଉଭୟେ ପଣ୍ଡିତ ପଦବାଚ୍ୟ ଅଟନ୍ତି ନାହିଁ । କାରଣ ସତ୍ ଓ ଅସତ୍ ବିବେକ ବୁଦ୍ଧି ଅଭାବରେ ଏବଂ ଦେହ ବୁଦ୍ଧିର ପ୍ରୟୋଗ କରି ଏକ ଦୁର୍ବଳ ବ୍ୟକ୍ତିତ୍ୱର ଉଦାହରଣ ହେବା ସଂଗେ ସଂଗେ ମହାଭାରତ ଯୁଦ୍ଧର ଅନ୍ୟତମ କାରଣ ପାଲଟିଥିଲେ ସେହି ଦେହ ବୁଦ୍ଧିର ଆବେଶରେ ଅର୍ଜୁନ ସଦୃଶ କ୍ଷତ୍ରୀୟବୀର ଶୋକାଭିଭୂତ ହୋଇ ନିଜର କର୍ତ୍ତବ୍ୟ ପରିତ୍ୟାଗର ନିର୍ଣ୍ଣୟ ନେଇଥିଲେ । ଅବଶ୍ୟ ଅର୍ଜୁନଙ୍କ ମୋହବୁଦ୍ଧି ଧୃତରାଷ୍ଟ୍ରଙ୍କ ମୋହବୁଦ୍ଧି ଠାରୁ ଭିନ୍ନ ଥିଲା ।

ଶରୀରର ଅବସ୍ଥାରେ ଅନୁକ୍ଷଣ ପରିବର୍ତ୍ତନ ହୋଇଥାଏ ତଥା ଏହା କ୍ଷୟ ହୋଇଥାଏ । କିନ୍ତୁ ଆତ୍ମା ଅକ୍ଷୟ ଓ ଚୈତନ୍ୟ ସତ୍ତା ଅଟେ । ଶରୀରର ଅନିତ୍ୟ ଓ ଆତ୍ମାର ନିତ୍ୟତାର ଅବତାରଣା କରାଯାଇଛି । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଶୋକର ପ୍ରକୃତ କାରଣ ଅନୁଧ୍ୟାନ କରି ସେହି ଆଧାରର ତାଙ୍କ ସଂଶୟ ଦୂର କରିବା ପାଇଁ ଉପଦେଶ ପ୍ରଦାନ କରିଛନ୍ତି ।

ଶ୍ରୀମଦ ଭଗବତ ଗୀତାର ୧୧ତମ ଶ୍ଳୋକରେ ଭଗବାନ ଅର୍ଜୁନଙ୍କ ସମ୍ମୁଖରେ ଯେଉଁ ତତ୍ତ୍ୱର ବିଷୟ ଉପସ୍ଥାପନା କଲେ ତାହାକୁ ଅଧିକ ସ୍ପଷ୍ଟ କରିବା ପାଇଁ ପରବର୍ତ୍ତୀ ଶ୍ଳୋକରେ ନିମ୍ନ ପ୍ରକାରେ ନିଜର ବକ୍ତବ୍ୟ ରଖୁଛନ୍ତି ।

ନ ତ୍ୱେବାହମ୍ ଜାତୁ ନାସମ୍ ନତ୍ୱମ୍ ନେମେ ଜନାଧିପାଃ
ନ ଚ ଏବ ନ ଭବିଷ୍ୟାମଃ ସର୍ବେ ଜୟମତଃ ପରମ ॥

ଭଗବାନ କହୁଛନ୍ତି ହେ ଅର୍ଜୁନ ମୁଁ ପୂର୍ବରେ ନ ଥିଲି ବା ତୁମେ ନ ଥିଲ ବା ଏହି ରାଜାମାନେ ନ ଥିଲେ । ଏହିପରି ନୁହେଁ ଯେ ଆମେ ସବୁ ରହିବୁ ନାହିଁ ତାହା ମଧ ନୁହେଁ (ଅର୍ଥାତ୍ ପରେ ମଧ ଆମେ ସମସ୍ତେ ରହିବା) ।

ତାତ୍ପର୍ଯ୍ୟ ହେଉଛି ଯେ ଯେତେବେଳେ ଶରୀରଗୁଡିକ ନ ଥିଲା ସେତେ ବେଳେ ଆମେ ଥିଲେ ଏବଂ ଯେତେବେଳେ ଏହି ଶରୀର ରହିବ ନାହିଁ ସେତେବେଳେ ମଧ ଆମେ ରହିବା । ଭଗବାନଙ୍କ ଏହି ବ୍ୟାଖ୍ୟାନରୁ ଶରୀରର ଅନିତ୍ୟତା ଓ ଶରୀରୀର ନିତ୍ୟତା ସିଦ୍ଧ ହୋଇଛି । ଚିନ୍ମୟ ସତ୍ତା ସବୁକାଳେ ବିଦ୍ୟମାନ । ଏହା କାଳାତୀତ ତତ୍ତ୍ୱ ଅଟେ ।

**କାମ କ୍ରୋଧ ଯେ ଅବିଶ୍ୱାସ । ସ୍ପର୍ଦ୍ଧା ବ୍ୟସନ ଯେ ବିଶେଷ ॥**

ଏହି ଶ୍ଲୋକରେ ବ୍ୟବହୃତ 'ଜାତୁ' ଶବ୍ଦର ଅର୍ଥ ଏହି କି ଯେ ଭୂତ, ବର୍ତ୍ତମାନ ଓ ଭବିଷ୍ୟ କାଳରେ ତଥା କୌଣସି ପରିସ୍ଥିତି, ଅବସ୍ଥା ଇତ୍ୟାଦିର ସଂଯୋଗରେ ମଧ୍ୟ ନିଜର ପ୍ରକୃତ ସ୍ୱରୂପର ଅଭାବ ହୁଏ ନାହିଁ ।

ତାତ୍ତ୍ୱିକ ଦୃଷ୍ଟିରୁ ସ୍ୱରୂପର ଅବିନାଶୀ ସିଦ୍ଧାନ୍ତକୁ ପ୍ରତିପାଦନ କରିବା ପାଇଁ ଭଗବାନ ଜୀବମାନଙ୍କ ସହିତ ନିଜର ଏକତ୍ୱକୁ ଆଲୋଚ୍ୟ ଶ୍ଲୋକରେ ଦର୍ଶାଇଛନ୍ତି । ତେଣୁ ଏହି ବିଶେଷ ଉଦ୍ଦେଶ୍ୟରେ ସେ ନିଜ ପାଇଁ 'ଅହମ୍' ପଦର ବ୍ୟବହାର କରିଛନ୍ତି । ଶରୀର ଦୃଷ୍ଟାରୁ ଭିନ୍ନ ହେଲେ ମଧ୍ୟ ପରମାତ୍ମାଙ୍କ ସତ୍ତା ଓ ଜୀବର ସତ୍ତା ଏକ ଓ ଅଭିନ୍ନ । ଏହି ଭାବକୁ ବୁଝାଇବା ପାଇଁ ମୁଁ, ତୁ ଏବଂ ରାଜାମାନେ ବୋଲି କୁହାଯାଇଛି ।

ପୁନଶ୍ଚ ଭଗବାନ କହୁଛନ୍ତି ଯେ ମୁଁ କୃଷ୍ଣ ରୂପରେ ତୁମେ ଅର୍ଜୁନ ରୂପରେ ଏବଂ ସମସ୍ତେ ରାଜା ରୂପରେ ଭବିଷ୍ୟତରେ ରହିବା ନାହିଁ । ଏହା ସତ୍ତ୍ୱେ ଆମେ ସତ୍ତା ଓ ସ୍ୱରୂପରେ ଭବିଷ୍ୟତରେ ରହିବା । ତାତ୍ପର୍ଯ୍ୟ ଏହିକି ଯେ ସତ୍ତା ରୂପରେ ଆମେ ପୂର୍ବରୁ ଥିଲେ ଏବଂ ଭବିଷ୍ୟତରେ ମଧ୍ୟ ରହିବା । ତେଣୁ ଶରୀରକୁ ନେଇ ଦୁଃଖ କରିବା ବିବେକତା ନୁହେଁ ।

ଶ୍ରୀମଦ୍ ଭାଗବତରେ ଶୁକଦେବ ଗୋସ୍ୱାମୀ ରାଜା ପରୀକ୍ଷିତଙ୍କୁ ଉପଦେଶ ପ୍ରଦାନ କରି କହୁଛନ୍ତି ଯେ ହେ ରାଜନ ! ତୁମେ ମରିଯିବ ବୋଲି ଯାହା ଭାବୁଛ, ସେହି ପଶୁବୁଦ୍ଧିକୁ ପରିତ୍ୟାଗ କର । ଶରୀର ଯେ ପୂର୍ବରୁ ନ ଥିଲା ପରେ ଜନ୍ମ ହୋଇଛି ଏବଂ ଦିନେ ତା'ର ବିନାଶ ହେବ ଏକଥା ନୁହେଁ । ସେହିପରି ତୁମେ ଯେ ପୂର୍ବରୁ ନ ଥିଲ ପରେ ଜନ୍ମ ହୋଇଛ ଓ ଦିନେ ମରିଯିବ ତାହା ମଧ୍ୟ ନୁହେଁ ।

ତ୍ୱମ ତୁ ରାଜନ ମରିଷ୍ୟେତି ପଶୁବୁଦ୍ଧିମିମାଂ ଜହି
ନ ଜାତଃ ପ୍ରାଣଭୂତୋ ଅଦ୍ୟ ଦେହବତ୍ୱଂ ନ ନଙ୍କ୍ଷ୍ୟସି

ଶ୍ରୀମଦ୍ ଭାଗବତରେ ଜୀବ, ଆତ୍ମା ଓ ଶରୀର ସମ୍ପର୍କରେ ଅନେକ କଥା କୁହାଯାଇଛି । ଶ୍ରୀ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତରେ ଉପର୍ଯ୍ୟୁକ୍ତ ତତ୍ତ୍ୱର ଅବତାରଣା କରାଯାଇଛି ।

ଗୁଣ ପରୀ କ୍ଷିତି ପତି, ମରିବୁ ବୋଲି ଯେଉଁ ଭୀତି ।
ପ୍ରାଣୀତା ଅଜ୍ଞାନ କହନ୍ତି, ତୁ ଏବେ ଛାଡ଼ ଏହି ଭ୍ରାନ୍ତି ।
ଜନମ କଉଣସି ଦିନ, ନୋହିଛ ତୁମେ ତ ରାଜନ ।
ଆଗରେ ଜନମ ନୋହିବ, ବର୍ତ୍ତମାନରେ ନ ମରିବ ।
ଉତ୍‌ପତି ସ୍ଥିତି ଯାର ନାହିଁ, ବିନାଶ ହୋଇବ କିମ୍ପାଇ ।
ପୁଣି କୁହାଯାଇଛି ଯେ –
ଏ ଆତ୍ମା ଶରୀରୁ ବିରଗ, ଜନ୍ମ ମରଣ ନାହିଁ ସଂଗ ।
ଏ ଜୀବ ବିନାଶ ନୁହଁଇ, ଗୁଣ ଶରୀରେ ପ୍ରକାଶଇ
ଘଟର ବିନାଶ ହୁଅଇ, ଜନ୍ମ ମରଣ ତା'ର ନାହିଁ ।

*କୋଷାଧକ୍ଷ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

## ସୁଭାଷିତମ୍ :-

**ପାଳୟାମି ଗୁରୋର୍ବାକ୍ୟଂ, ପ୍ରିୟଂ ସତ୍ୟଂ ବଦାମି ଚ ।**
**କ୍ରୀଡ଼ାମି କନ୍ଦୁକେନାହଂ, ମିତ୍ରୈଃ ସହ ସୁବାଳକଃ ॥**

## ଭାବାର୍ଥଃ :-

**ଅହମ୍ ଉତ୍ତମଃ ବାଳକଃ ଅସ୍ମି । ଅହଂ ଗୁରୋଃ ବାକ୍ୟଂ ପାଳୟାମି । ଅହଂ ସର୍ବଦା ପ୍ରିୟବଚନଂ ସତ୍ୟବଚନଂ ଚ ବଦାମି । ଅହଂ ମମ ମିତ୍ରୈଃ ସହ କନ୍ଦୁକେନ କ୍ରୀଡ଼ାମି ।**

# ପ୍ରଭାବୀ ଶିକ୍ଷଣ ସିଡ଼ି (ନିଶୁଣୀ)

ଶ୍ରୀଯୁକ୍ତ ସନ୍ତୋଷ କୁମାର ପଣ୍ଡା

* ବିଶ୍ୱବିଖ୍ୟାତ ଶିକ୍ଷାବିତ୍ ପ୍ରଫେସର ଏନ୍.କେ.ଜଙ୍ଗିରାଙ୍କ ଲିଖିତ ପୁସ୍ତକ 'ପ୍ରଭାବୀ ଶିକ୍ଷଣ'ରୁ ଉଦ୍ଧୃତ । ଏଥିରେ ସେ ପ୍ରଭାବୀ ଶିକ୍ଷଣ ନିମନ୍ତେ ଇଂରେଜୀ ବର୍ଣ୍ଣମାଳାର ୨୬ଟି ଅକ୍ଷରକୁ କ୍ରମ ଅନୁଯାୟୀ ରଖି ଏହାକୁ ପ୍ରଭାବୀ (ଫଳପ୍ରଦ) ଶିକ୍ଷଣର ସିଡ଼ି ରୂପେ ପ୍ରସ୍ତୁତ କରିଛନ୍ତି ।

- **A for Active Involvement** – ସକ୍ରିୟ ଭାଗୀଦାରୀ – ଏଥିରେ ଶିକ୍ଷକ ଶିଖିବା ଓ ଶିଖେଇବା ପ୍ରକ୍ରିୟାରେ ସମସ୍ତ ପିଲାଙ୍କୁ ସମ୍ମିଳିତ କରି ଏପରି କ୍ରିୟାକଳାପର ଚୟନ କରନ୍ତି ଯେଉଁଥିରେ ସମସ୍ତେ ସକ୍ରିୟ ହୋଇ ଶିଖିଥା'ନ୍ତି ।
- **B for Busy Classroom** – ବ୍ୟସ୍ତ (କ୍ରିୟାଶୀଳ) ଶ୍ରେଣୀ କକ୍ଷ – ଶ୍ରେଣୀ କକ୍ଷରେ ଶିକ୍ଷକ ପିଲାମାନଙ୍କ ଭୂମିକା କ'ଣ ତା'ର ସ୍ୱଷ୍ଟ ଜ୍ଞାନ ଦିଅନ୍ତି, ଯେଉଁଥିରେ ସମସ୍ତ ପିଲା ବିଷୟଗତ ରଚନାତ୍ମକ କ୍ରିୟାକଳାପରେ ବ୍ୟସ୍ତ ରହନ୍ତି ।
- **C for Co-operative Learning** – ସହଭାଗୀ ବା ସହଯୋଗୀ ଅଧିଗମ(ଶିକ୍ଷଣ) – ଶିକ୍ଷକ ଶ୍ରେଣୀକକ୍ଷରେ ପିଲାମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ପରିଣାମ ସମ୍ବନ୍ଧିତ ପ୍ରକଳ୍ପ କାର୍ଯ୍ୟ ବା କ୍ରିୟାକଳାପ କରିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି ।
- **D for Demonstration** – କାର୍ଯ୍ୟ ପ୍ରଦର୍ଶନ – ଏଥିରେ ଏପରି ଶିକ୍ଷଣ ପରିଣାମର ଚୟନ କରାଯାଏ ଯେଉଁଥିରେ ପିଲାମାନଙ୍କର ବିଚାର ଶକ୍ତିକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିରୂପ (ମଡେଲ୍) ପ୍ରଦର୍ଶନ କରାଯାଇଥାଏ । ଶିକ୍ଷଣ ସମୟରେ ଶିକ୍ଷକଙ୍କ ଦ୍ୱାରା ପିଲାମାନଙ୍କ ସ୍ତରକୁ ଯାଇ ତଥ୍ୟର ସ୍ୱଷ୍ଟତା ନିମନ୍ତେ ନିଜର ସର୍ବୋତ୍ତମ ପ୍ରଦର୍ଶନ ଦିଆଯାଇଥାଏ ।
- **E for Expectations** – ଆଶା କରିବା – ଏଥିରେ ଶିକ୍ଷକ ନିଜର ପିଲାମାନଙ୍କର ସଫଳତା ସମ୍ବନ୍ଧରେ ନିଜ ଠାରୁ ଏହା ଆଶା ରଖିଥା'ନ୍ତି ଯେ ତାଙ୍କର ଶିକ୍ଷଣ ପ୍ରକ୍ରିୟା ଏପରି ହେବ ଯେପରି ସମସ୍ତ ପିଲା ଶିକ୍ଷଣ ପ୍ରକ୍ରିୟାରେ ସମ୍ମିଳିତ ହୋଇ ଶିଖିବେ ।
- **F for Feedback** – ପ୍ରତିପୁଷ୍ଟି – ପିଲାମାନଙ୍କୁ ସକାରାତ୍ମକ ପ୍ରତିପୁଷ୍ଟି ଦେଇ ଆହୁରି ଅଧିକ ଭଲ କରିବା ପାଇଁ ପ୍ରୋତ୍ସାହନ ଦେଲେ ସେମାନଙ୍କର ଅଧିଗମ ଗତି ପ୍ରଖର ହୁଏ ।
- **G for Goal setting** – ଲକ୍ଷ୍ୟ ନିର୍ଦ୍ଧାରଣ – ପିଲାମାନଙ୍କର ବିଶେଷ ଆବଶ୍ୟକତା ଉପରେ ବିଚାର କରି ତଥା ସେମାନଙ୍କର ଶ୍ରେଣୀ, ରୁଚି ଓ କ୍ଷମତାକୁ ଦୃଷ୍ଟିରେ ରଖି ବିଷୟଗତ ଲକ୍ଷ୍ୟ ନିର୍ଦ୍ଧାରଣ କଲେ ଶିକ୍ଷଣ ପ୍ରକ୍ରିୟା ପ୍ରଭାବୀ ହୁଏ ।
- **H for Humour** – ହାସ୍ୟ ପରିହାସ – ଶ୍ରେଣୀ ଶିକ୍ଷଣ ସମୟରେ ଶ୍ରେଣୀର ପରିବେଶକୁ ଆନନ୍ଦଦାୟୀ କରିବା ପାଇଁ ଶିକ୍ଷଣ ଆବଶ୍ୟକତା ଅନୁଯାୟୀ ସନ୍ଦର୍ଭ ଅନୁରୂପ ହାସ୍ୟ-ବ୍ୟଙ୍ଗ, ଢଗ-ଢମାଳି, ଲୋକକଥାର ଉପଯୋଗ କରି ଶ୍ରେଣୀ କକ୍ଷର ବାତାବରଣକୁ ରୁଚିକର, ଚାପମୁକ୍ତ କରିପାରିବେ ।
- **I for Individual Needs** – ବ୍ୟକ୍ତିଗତ ଆବଶ୍ୟକତା – ଶିକ୍ଷଣ ପ୍ରକ୍ରିୟା ସମୟରେ ସମସ୍ତ ପିଲାଙ୍କ ବ୍ୟକ୍ତିଗତ ଯୋଗ୍ୟତା ଓ ଆବଶ୍ୟକତାକୁ ଚିହ୍ନି ତା'ର ଅନୁରୂପ ଶିକ୍ଷଣ କାର୍ଯ୍ୟ କଲେ ଶିକ୍ଷଣ ପ୍ରଭାବୀ ହୋଇଥାଏ ।
- **J for Journal of Learning** – ଅଧିଗମ ପତ୍ରିକା – ପିଲାମାନଙ୍କର ଅଧିଗମ ପରିଣାମ ସ୍ତରକୁ ସଠିକ୍ ଆକଳନ କରିବା

ପାଇଁ ଶିକ୍ଷକ ନିଜେ ଗୋଟିଏ ଅଧିଗମ ପତ୍ରିକା ପ୍ରସ୍ତୁତ କରି ପିଲାମାନଙ୍କୁ ସେଥିରେ ଲେଖିବା ପାଇଁ ପ୍ରୋତ୍ସାହିତ କରନ୍ତି ।

- **K for Knowing the Learner** – ଅଧିଗମକର୍ତାଙ୍କୁ ଜାଣିବା – ଅଧିଗମକର୍ତା ଅର୍ଥାତ୍ ପିଲାମାନଙ୍କର ପୂର୍ବ ଅନୁଭବ, ବର୍ତ୍ତମାନ ଶିକ୍ଷଣ ପରିଣାମ, ଅଭିବୃତ୍ତି ଏବଂ ରୁଚିକୁ ଜାଣିବା ଓ ବୁଝିବା ବହୁତ ଜରୁରୀ ଅଟେ । ପିଲାମାନଙ୍କର ପୂର୍ବ ଜ୍ଞାନକୁ ନୂତନ ଜ୍ଞାନ ସହ ଯୋଡ଼ିଲେ ଶିକ୍ଷଣ ପ୍ରକ୍ରିୟା ପ୍ରଭାବୀ ହେବା ପାଇଁ ସହାୟତା ମିଳେ ।

- **L for Linking Learning** – ଅଧିଗମ ସମ୍ବନ୍ଧ ସ୍ଥାପନ – ଶିକ୍ଷଣ ଯୋଜନାରେ କ୍ରିୟାକଳାପର ଉପଯୋଗ, ଶିଖିବାର କ୍ରମକୁ ଦୃଷ୍ଟିରେ ରଖି ଉପାୟ ଏବଂ ପଦ୍ଧତିକୁ ପରସ୍ପର ସହ ତାଳମେଳ ରଖି କ୍ରିୟାନ୍ୱୟନ କଲେ ଶିକ୍ଷଣ ପ୍ରଭାବୀ ହୋଇଥାଏ ।

- **M for Management of Resource** – ସଂସାଧନ ପ୍ରବନ୍ଧନ – ବିଦ୍ୟାଳୟରେ ଉପଲବ୍ଧ ଭୌତିକ ଏବଂ ମାନବ ସଂସାଧନର ପ୍ରଚୁର ଉପଯୋଗ କରିବା ବହୁତ ଜରୁରୀ ଅଟେ ।

- **N for Negotiation** – ପରସ୍ପର ଆଲୋଚନା – ଆଲୋଚନା ସମୟରେ ପିଲାମାନଙ୍କର ଅନୁଭବରୁ ଶିକ୍ଷଣ କାର୍ଯ୍ୟର ଆରମ୍ଭ କଲେ ଶ୍ରେଣୀ ଶିକ୍ଷଣ ପ୍ରଭାବୀ ହୋଇଥାଏ ।

- **O for Outdoor Learning** – ଶ୍ରେଣୀ ବାହାରେ ଅଧିଗମ କ୍ରିୟାକଳାପ – ଏଥିରେ ଅଧିଗମ ନିମନ୍ତେ ପିଲାମାନଙ୍କୁ ଶ୍ରେଣୀ କକ୍ଷ ବାହାରକୁ ନେଇ କ୍ରିୟାକଳାପ କଲେ ସେମାନେ ବାସ୍ତବିକ ଜୀବନର ପରିସ୍ଥିତିରେ କ୍ରିୟାଶୀଳ ରହି ସ୍ଥାୟୀ ରୂପରେ ଶିଖିପାରିଥାନ୍ତି ।

- **P for Praising and En-Couraging** – ପ୍ରଶଂସା ଓ ପ୍ରୋତ୍ସାହନ – କାର୍ଯ୍ୟ ପ୍ରଦର୍ଶନ ପରେ ପିଲାମାନଙ୍କୁ ପ୍ରଶଂସା ଓ ପ୍ରୋତ୍ସାହନ ଦେଲେ ସେମାନଙ୍କର ଶିକ୍ଷଣ ପରିଣାମ ପ୍ରାପ୍ତି ଶୀଘ୍ର ହୋଇଥାଏ ।

- **Q for Quiz** – ପ୍ରଶ୍ନୋତ୍ତରୀ – ପ୍ରଶ୍ନୋତ୍ତରୀ ହେଉଛି ଏପରି ପ୍ରଶ୍ନଗୁଚ୍ଛ ଯାହା ପିଲାମାନଙ୍କର ଅଧିଗମ ପ୍ରାପ୍ତି ଏବଂ ପ୍ରଗତିର ଆକଳନ ନିମନ୍ତେ ସହାୟକ ହୋଇଥାଏ । ଏହା ମୌଖିକ ଏବଂ ଲିଖିତ ଦୁଇ ପ୍ରକାରର ହୋଇପାରେ ।

- **R for Responsibility for Own Learning** – ସ୍ୱ-ଶିକ୍ଷଣର ଦାୟିତ୍ୱ – ପିଲାମାନଙ୍କର ଅଧିଗମ ପ୍ରଣାଳୀକୁ ଚିହ୍ନିବାରେ ସହାୟତା କରିବା ଏବଂ ଦାୟିତ୍ୱ ଭାବନା ବିକାଶ କରିବାରେ ସେମାନଙ୍କ ମଧ୍ୟରେ ସ୍ୱ-ଦାୟିତ୍ୱ ନିର୍ଦ୍ଧାରଣ ହୋଇଥାଏ ।

- **S for Success Experience** – ସଫଳତାର ଅନୁଭବ – ସଫଳତାର ଅନୁଭବ ଯୋଜନା ପ୍ରସ୍ତୁତ ସମୟରେ ଶିଖିବା-ଶିଖେଇବା କାର୍ଯ୍ୟର ବିଭାଜନ ଛୋଟ ଛୋଟ କାର୍ଯ୍ୟରେ କରିବା ଆବଶ୍ୟକ ହୋଇଥାଏ । ପୁଣି ପିଲାମାନେ ସେଗୁଡ଼ିକୁ ନିଜେ କରିବା ପାଇଁ ପ୍ରୋତ୍ସାହିତ କରିବା ଏବଂ ସେଥିରେ ସେମାନଙ୍କୁ ସଫଳତାର ଅନୁଭବ କରିବାର ସୁଯୋଗ ଦେବା ଶିକ୍ଷଣକୁ ପ୍ରଭାବୀ ଓ ରୁଚିକର କରିଥାଏ ।

- **T for Team Teaching and Collaborative Efforts** – ଦଳଗତ ଶିକ୍ଷଣ ଓ ସହଯୋଗୀ ପ୍ରଚେଷ୍ଟା – ଶ୍ରେଣୀ ଶିକ୍ଷଣରେ ନିଜ ବିଦ୍ୟାଳୟର ସହଯୋଗୀ ଶିକ୍ଷକ, ଅଭିଭାବକ ଏବଂ ଅନ୍ୟ ସଦସ୍ୟମାନଙ୍କ ସହଯୋଗରେ ଯୋଜନା ପ୍ରସ୍ତୁତ କରି ଶିକ୍ଷଣ ପ୍ରକ୍ରିୟା କଲେ ପିଲାମାନଙ୍କୁ ପ୍ରଭାବୀ ଶିକ୍ଷଣର ସହାୟତା ମିଳିଥାଏ ।

- **U for Unexpected Encounters** – ଅଣ-ଅପେକ୍ଷିତ (ଅକସ୍ମାତ) ପରିସ୍ଥିତିର ସମ୍ମୁଖୀନ – ଶ୍ରେଣୀ କକ୍ଷରେ ଅଣ-ଅପେକ୍ଷିତ (ଅକସ୍ମାତ) ପରିସ୍ଥିତିକୁ ଏକ ଆହ୍ୱାନ ରୂପେ ସ୍ୱୀକାର କରିବା ପୂର୍ବକ ତା'ର ସମାଧାନ କରି ଶିକ୍ଷଣ ପ୍ରକ୍ରିୟାକୁ ପ୍ରଭାବୀ କରାଯାଇପାରେ ।

- **V for Variety** – ବିବିଧତା – ପିଲାମାନଙ୍କର ଧ୍ୟାନ ଆକର୍ଷଣ ନିମନ୍ତେ ଏବଂ ସେମାନଙ୍କର ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରି ଅଧିଗମକୁ ଅଧିକ ବିବିଧତାପୂର୍ଣ୍ଣ ପ୍ରଚେଷ୍ଟାରେ ଶିକ୍ଷଣ ପ୍ରଭାବୀ ହୋଇଥାଏ ।
- **W for Working Atmosphere** - ଅନୁକୂଳ କାର୍ଯ୍ୟ ପରସ୍ଥିତି - ଅନୁକୂଳ କାର୍ଯ୍ୟଶୀଳ ବାତାବରଣ ପ୍ରଭାବୀ ଶିକ୍ଷଣ ପାଇଁ ଏକ ଆବଶ୍ୟକ ଅଙ୍ଗ ଯେଉଁଥିରେ ଶ୍ରେଣୀ କକ୍ଷର ବିଶ୍ୱାସ ଆଧାରିତ ବାତାବରଣ, ପ୍ରଭାବୀ ଶିକ୍ଷଣରେ ସହାୟକ ହୋଇଥାଏ ।
- **X for X-raying for Evaluation** - ମୂଲ୍ୟାଙ୍କନ ନିମନ୍ତେ ପରୀକ୍ଷଣ - ସତତ ଏବଂ ବ୍ୟାପକ ପ୍ରକ୍ରିୟାରେ ପିଲାମାନଙ୍କର ପ୍ରଗତିକୁ ଦୈନିକ, ସାପ୍ତାହିକ, ତ୍ରୈମାସିକ, ଷାଣ୍ମାସିକ ଓ ବାର୍ଷିକ ମୂଲ୍ୟାଙ୍କନ କରୁଥିଲେ ଶିକ୍ଷଣ ପ୍ରକ୍ରିୟା ପ୍ରଭାବୀ ହୋଇଥାଏ ।
- **Y means You** - ଆପଣ ଅର୍ଥାତ ଶିକ୍ଷକ - ଶିକ୍ଷକ ଏକ ସହଯୋଗୀର ଭୂମିକାରେ ନିଜର କାର୍ଯ୍ୟକୁ କ୍ରିୟାନ୍ୱୟନ କରି ପିଲାମାନଙ୍କ ଠାରେ ସୃଜନାତ୍ମକ ବିକାଶ ପାଇଁ ଶିକ୍ଷଣ ପ୍ରକ୍ରିୟା ସମୟରେ ବିଭିନ୍ନ ପ୍ରକାର ଶୈକ୍ଷିକ କ୍ରିୟାକଳାପ ଓ ଉଦ୍ଭାବନ ମାଧ୍ୟମ ପ୍ରୟୋଗ କରିଥାନ୍ତି । ଶିକ୍ଷକ ହିଁ ନିଜର ଶ୍ରେଣୀ କକ୍ଷର ପ୍ରଭାବୀ ଶିକ୍ଷଣର ଚାବିକାଠି । ତାଙ୍କର କ୍ରିୟାଶୀଳତା ଓ ଚିନ୍ତନରେ ହିଁ ପ୍ରଭାବୀ ଶିକ୍ଷଣ ସମ୍ଭବ ହୋଇଥାଏ ।
- **Z means Zeal** – ଉତ୍ସାହ ଏବଂ ଉଦ୍ଦୀପନା – ପ୍ରଭାବୀ ଶିକ୍ଷଣ ନିମନ୍ତେ ସମସ୍ତ କ୍ରିୟାକଳାପକୁ ଉତ୍ସାହ ଏବଂ ଉଦ୍ଦୀପନାର ସହ କରିବା ନିହାତି ଆବଶ୍ୟକ । ଶିକ୍ଷକଙ୍କ ଦ୍ୱାରା ସବୁବେଳେ ପିଲାମାନଙ୍କର ଆବଶ୍ୟକତା ପ୍ରତି ସମ୍ବେଦନଶୀଳତାର ଭାବନା ଏବଂ ସଫଳତାର ଆଶୀର୍ବାଦ ସହ ଶ୍ରେଣୀ କକ୍ଷରେ ହାସ ପରିହାସର ବିବେକପୂର୍ଣ୍ଣ ଉପଯୋଗ କରିବାର ଫଳସ୍ୱରୂପ ପିଲାମାନଙ୍କର ବିଷୟ ଅନୁଯାୟୀ ଶିକ୍ଷଣ ପରିଣାମ ପ୍ରାପ୍ତି ସହଜ ହୋଇଥାଏ ।

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଏପ୍ରିଲ - ମେ ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ହ୍ୱାଟସ୍ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

ଶିକ୍ଷାସୃଜନୀ
ଶିକ୍ଷା ବିକାଶ ସମିତି, ଓଡ଼ିଶା
ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
Whatsapp No. :- 8895461378, 9437740566
E-Mail :- shikshasrujanee@gmail.com

ଗୃହ ଦେବତା କାଳ କର୍ମ । ଆତ୍ମା କି ଅବା କେହି ଜନ ॥

**ମହାନ ନାରୀ**

# ବିଦୁଷୀ ଲୀଳାବତୀ

✸ ସୁଶ୍ରୀ ମମତା ମୁନି

ବହୁତ ଦିନ ତଳର କଥା । ସେତେବେଳେ ଭାରତର ପ୍ରତ୍ୟେକ ବିଦ୍ୟାର୍ଥୀ ଏବଂ ଆଚାର୍ଯ୍ୟଙ୍କ ମୁହଁରେ ସାଧ୍ୱୀ ଲୀଳାବତୀଙ୍କ ନାମ ରହୁଥିଲା । ଲୀଳାବତୀ ଗଣିତ ବିଦ୍ୟାର ଆଚାର୍ଯ୍ୟା ଥିଲେ । ଯେଉଁ ସମୟରେ ବିଦେଶୀମାନେ ଗଣିତର ଅନେକ ତଥ୍ୟ ବିଷୟରେ ଅନଭିଜ୍ଞ ଥିଲେ ସେହି ସମୟରେ ଲୀଳାବତୀ ଗଣିତର ଅନେକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ବାହାର କରିଥିଲେ ।

ଦଶମ ଶତାବ୍ଦୀର କଥା । ଦକ୍ଷିଣ ଭାରତରେ ଭାସ୍କରାଚାର୍ଯ୍ୟ ନାମକ ଗଣିତ ଓ ଜ୍ୟୋତିଷ ବିଦ୍ୟାର ଜଣେ ମହାନ ପଣ୍ଡିତ ଥିଲେ । ତାଙ୍କ କନ୍ୟାର ନାମ ଥିଲା ଲୀଳାବତୀ । ସେ ତାଙ୍କର ଏକମାତ୍ର ସନ୍ତାନ ଥିଲେ । ଭାସ୍କରାଚାର୍ଯ୍ୟ ଜ୍ୟୋତିଷ ଗଣନା କରି ଜାଣି ଦେଇଥିଲେ ଯେ ତାଙ୍କ କନ୍ୟା ବିବାହର ଅଳ୍ପ ଦିନରେ ହିଁ ବିଧବା ହୋଇଯିବ । ତେଣୁ ସେ ବହୁତ ଭାବିଚିନ୍ତି ଏପରି ଏକ ଶୁଭ ଲଗ୍ନ ଖୋଜିଲେ, ଯେଉଁ ଲଗ୍ନରେ ବିବାହ କଲେ କନ୍ୟାର ବିଧବା ଯୋଗ କଟିଯିବ । ବିବାହ ତିଥି ସ୍ଥିର ହେଲା । ସେ ସମୟରେ ସମୟ ଜାଣିବା ପାଇଁ ଜଳଘଡ଼ି ବ୍ୟବହାର କରାଯାଉଥିଲା । ଗୋଟିଏ ବଡ଼ ପାତ୍ରରେ ଛିଦ୍ରଟିଏ କରି ପାଣି କଳସୀରେ ଛାଡ଼ି ଦିଆଯାଉଥିଲା । ଛିଦ୍ର ଦେଇ ପାଣି ଆସି ଯେତେବେଳେ ପାତ୍ରଟି ଭରି ଯାଉଥିଲା ସେତେବେଳେ ଗୋଟିଏ ଘଡ଼ି ହେଲା ବୋଲି ସମୟ ଗଣନା କରାଯାଉଥିଲା । ହେଲେ ବିଧାତାଙ୍କ ବିଚାର ଅନ୍ୟ ପ୍ରକାର ଥିଲା । ଲୀଳାବତୀ ବିଭିନ୍ନ ଅଳଙ୍କାର ମଣ୍ଡିତା ହୋଇ ବସିଥାନ୍ତି । ସମସ୍ତେ ବିବାହ ନିମନ୍ତେ ଶୁଭ ଲଗ୍ନ ପାଇଁ ଅପେକ୍ଷା କରିଥାନ୍ତି । ଏହି ସମୟରେ ସମସ୍ତଙ୍କ ଅଜାଣତରେ ଲୀଳାବତୀଙ୍କ ଅଳଙ୍କାରରୁ ମୋତିଟିଏ ଝଡ଼ି ପାଣି ପାତ୍ରରେ ପଡ଼ିଗଲା ଏବଂ ଛିଦ୍ରଟି ବନ୍ଦ ହୋଇଗଲା । ଶୁଭ ଲଗ୍ନ ଗଡ଼ିଗଲା । କେହି ଜାଣି ମଧ୍ୟ ପାରିଲେନି । ବିବାହ ଅନ୍ୟ ଲଗ୍ନରେ ହିଁ କରିବାକୁ ପଡ଼ିଲା । ସତକୁ ସତ ଲୀଳାବତୀ ଅଳ୍ପ ଦିନରେ ହିଁ ବିଧବା ହୋଇଗଲେ । ପିତା ଓ ପୁତ୍ରୀଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା ।

ଝିଅର ବୈଧବ୍ୟ ଦୁଃଖ ଦୂର କରିବା ପାଇଁ ଭାସ୍କରାଚାର୍ଯ୍ୟ ତାଙ୍କୁ ଗଣିତ ପଢ଼ାଇବା ଆରମ୍ଭ କଲେ । ଲୀଳାବତୀ ମଧ୍ୟ ନିଜ ଜୀବନର ଅବଲମ୍ବନ ରୂପେ ଗଣିତ ବିଷୟକୁ ହିଁ ଗ୍ରହଣ କରିନେଲେ । ଅଳ୍ପ ଦିନରେ ସେ ଗଣିତ ବିଷୟରେ ପ୍ରବୀଣା ହୋଇଗଲେ । ପାଟି ଗଣିତ, ବୀଜ ଗଣିତ ଏବଂ ଜ୍ୟୋତିଷ ବିଷୟରେ ସେ ଏତେ ସିଦ୍ଧହସ୍ତା ହୋଇଗଲେ ଯେ ପିତାଙ୍କ ଦ୍ୱାରା ରଚିତ 'ସିଦ୍ଧାନ୍ତ ଶିରୋମଣି' ଗ୍ରନ୍ଥର ଅନେକ ଭାଗ ଲୀଳାବତୀ ହିଁ ରଚନା କଲେ । ନିଜ କନ୍ୟାଙ୍କ ନାମକୁ ଅମର କରିବା ପାଇଁ ଭାସ୍କରାଚାର୍ଯ୍ୟ ପାଟିଗଣିତରେ 'ଅଂଶକା' ଭାଗକୁ 'ଲୀଳାବତୀ' ଭାଗ ବୋଲି ନାମିତ କଲେ । ଭାରତୀୟ ଗଣିତକୁ ଲୀଳାବତୀଙ୍କ ଦାନ ଅତୁଳନୀୟ । ଗଣିତର ଜଟିଳରୁ ଜଟିଳତମ ସିଦ୍ଧାନ୍ତକୁ ଅତି ସରଳ ଭାବରେ ଉପସ୍ଥାପନା କରିବା ଏହି ବିଦୁଷୀ ନାରୀଙ୍କ ଦ୍ୱାରା ହିଁ ସମ୍ଭବ ଥିଲା । ବୈଧବ୍ୟର ଯନ୍ତ୍ରଣାକୁ ଭୁଲି ଜଗତର କଲ୍ୟାଣ ନିମନ୍ତେ ଗଣିତର ଯେଉଁ ସିଦ୍ଧାନ୍ତମାନ ସେ ରଚନା କଲେ ବାସ୍ତବରେ ତାହା ବିଶ୍ୱ ଗଣିତ ଜଗତକୁ ଏକ ନୂତନ ପଥ ପ୍ରଦର୍ଶନ କରାଇଲା ।

ଭାରତୀୟ ରମଣୀମାନେ ଯେ ସର୍ବଗୁଣସମ୍ପନ୍ନା ଏବଂ ସେମାନେ ଯେକୌଣସି କ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ପାରନ୍ତି ଏହା ପ୍ରମାଣିତ କରି ଦେଇଛନ୍ତି ବିଦୁଷୀ ଲୀଳାବତୀ । ଧନ୍ୟ ଲୀଳାବତୀ ଧନ୍ୟ ତୁମ ଦାନ ।

*ଶିକ୍ଷୟିତ୍ରୀ*
*ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଡ଼ିଆପଲ୍ଲୀ*

ସଂସ୍କୃତେନ ବଦତୁ

# ସମ୍ଭାଷଣାଭ୍ୟାସଃ

✸ ଶ୍ରୀ ଶ୍ରୀନିବାସ ପ୍ରଧାନ

ଧାତୂନାଂ ଲୁଟ୍ ଲକାରେ ପ୍ରୟୋଗଃ

ଉଦାହରଣାନୁସାରଂ ଧାତୂନାଂ ଯୋଗ୍ୟରୂପୈଃ ଶୂନ୍ୟସ୍ଥାନାନି ପୂରୟା

ଉଦାହରଣମ୍ - ବାଳକଃ ଖଡିକାୟାଂ । ଉ-ବାଳକଃ ଖଡିକାୟାଂ ଲିଖଷ୍ୟତି ।

୧. କାକଃ ପିଷ୍ଟକଂ ।

ଉ- କାକଃ ପିଷ୍ଟକଂ ....................

୨. ମାତା ପୁତ୍ରାୟ କ୍ରୀଡନକଂ ।

ଉ- ମାତା ପୁତ୍ରାୟ କ୍ରୀଡନକଂ....................

୩. ପୁତ୍ରଃ ପିତରି ଭକ୍ତିଂ ।

ଉ- ପୁତ୍ରଃ ପିତରି ଭକ୍ତିଂ ....................

୪. ପିତା ବିପଣ୍ୟାଃ ଶାକାନି ।

ଉ- ପିତା ବିପଣ୍ୟାଃ ଶାକାନି ....................

୫. ଆଚାର୍ଯ୍ୟଃ ଛାତ୍ରାନ୍ ।

ଉ- ଆଚାର୍ଯ୍ୟଃ ଛାତ୍ରାନ୍ ....................

୬. କବୟଃ କବିତାଃ ।

ଉ- କବୟଃ କବିତାଃ ....................

୭. ଗାୟିକାଃ ସଙ୍ଗୀତଂ ।

ଉ- ଗାୟିକାଃ ସଙ୍ଗୀତଂ ....................

ଉଦାହରଣମ୍ - ବ୍ୟାଘ୍ରାଃ ବନେ । ଉ-ବ୍ୟାଘ୍ରାଃ ବନେ ଗର୍ଜିଷ୍ୟନ୍ତି

୧. କାକାଃ ପିଷ୍ଟକାନି ।

ଉ- କାକାଃ ପିଷ୍ଟକାନି ....................

୨. ମାତରଃ ପୁତ୍ରେଭ୍ୟଃ କ୍ରୀଡନକାନି ।

ଉ- ମାତରଃ ପୁତ୍ରେଭ୍ୟଃ କ୍ରୀଡନକାନି ....................

୩. ପୁତ୍ରାଃ ପିତୃଷୁ ଭକ୍ତିଂ ।

ଉ - ପୁତ୍ରାଃ ପିତୃଷୁ ଭକ୍ତିଂ ....................

୪. ପିତରଃ ବିପଣ୍ୟାଃ ଶାକାନି ।

ଉ- ପିତରଃ ବିପଣ୍ୟାଃ ଶାକାନି ....................

୫. ଆଚାର୍ଯ୍ୟାଃ ଛାତ୍ରାନ୍ ।

ଉ- ଆଚାର୍ଯ୍ୟାଃ ଛାତ୍ରାନ୍ ....................

୬. କବୟଃ କବିତାଃ ।

ଉ- କବୟଃ କବିତାଃ ....................

୭. ଗାୟକାଃ(ଗ୍ରାବ) ସଙ୍ଗୀତଂ ।

ଉ- ଗାୟକାଃ ସଙ୍ଗୀତଂ ....................

ସ୍ୱମୂଲ୍ୟାୟନଂ ବିଧାତୁଂ ନିମ୍ନୋତ୍ତର ପଶ୍ୟତୁ ।

ନେଷ୍ୟତି, ଆନେଷ୍ୟତି, କରିଷ୍ୟତି, ପାଠୟିଷ୍ୟତି, ରଚୟିଷ୍ୟତି, ନେଷ୍ୟନ୍ତି, ଆନେଷ୍ୟନ୍ତି, କରିଷ୍ୟନ୍ତି, କ୍ରେଷ୍ୟନ୍ତି, ପାଠୟିଷ୍ୟନ୍ତି, ରଚୟିଷ୍ୟନ୍ତି, ଶ୍ରାବୟିଷ୍ୟନ୍ତି ।

କ୍ଷେତ୍ର ସଂସ୍କୃତ ପ୍ରମୁଖ, ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର

ବିଜ୍ଞାନ ବିଭବ

# ନଭେଲ କରୋନା ଭାଇରସ୍‌ର ସଂକ୍ରମଣ : ପ୍ରକ୍ରିୟା ଓ ପ୍ରସାର

*ଶ୍ରୀ ନିକୁଞ୍ଜ ବିହାରୀ ସାହୁ*

ନଭେଲ କୋରୋନା ଭାଇରସର ସଂକ୍ରମଣ ଜନିତ ମୃତ୍ୟୁ ହାର ବିଶ୍ୱ ସାରା ଅତି କମ୍ ଥିଲେ ମଧ୍ୟ ଏହାର ସଂକ୍ରମଣର ପ୍ରସାର ହାର ଅନ୍ୟ ଭାଇରସ ତୁଳନାରେ ଯଥେଷ୍ଟ ଅଧିକ । ଏପରିକି ଜଣେ ଜଣେ ସୁପରସ୍ପ୍ରେଡର ବ୍ୟକ୍ତି ଏକକାଳୀନ ୧୦୦୦ରୁ ଊର୍ଦ୍ଧ୍ୱ ସାଧାରଣ ଲୋକଙ୍କୁ ସଂକ୍ରମଣ ଅନାୟାସରେ ପ୍ରସାର କରିପାରନ୍ତି । କୋରୋନା ଭାଇରସର ଏଭଳି ଉଚ୍ଚ ସଂକ୍ରମଣ ପ୍ରସାର ସାମର୍ଥ୍ୟର ରହସ୍ୟ ଉପଲବ୍ଧି କରିବାକୁ ହେଲେ ଏହାର ଗଠନ, ଜିନୋମ୍ ପ୍ରକାର, ଗ୍ରାହକ କୋଷରେ ପ୍ରବେଶ ଉପାୟ, ଗ୍ରାହକ କୋଷରେ ଜିନୋମ୍ ପରିପ୍ରକାଶ ଏବଂ ନୂଆ ଅପତ୍ୟ ଭାଇରସ ସୃଷ୍ଟି ଇତ୍ୟାଦି ପ୍ରସଙ୍ଗ ପ୍ରଥମେ ବୁଝିବା ଆବଶ୍ୟକ । ଏ ସମ୍ପର୍କରେ ଏକ ସଂକ୍ଷିପ୍ତ ଆଲୋଚନା ନିମ୍ନରେ ଦିଆଗଲା ।

**ଗଠନ :-** କୋରୋନା ଭାଇରସ୍ ସାଧାରଣତଃ ଅପେକ୍ଷାକୃତ ବୃହତ୍ ଏକ ଗୋଲାକାର କଣିକା ଯାହାର ପୃଷ୍ଠରେ ଅନେକ କଣ୍ଟା ସଦୃଶ ଅଙ୍ଗ ଥାଏ । ଏହି ଭାଇରସର ହାରାହାରି ବ୍ୟାସ ୧୨୫ ନାନୋମିଟର । ଏହା ଚାରିପଟେ ଥିବା ଆବରଣର ବ୍ୟାସ ୮୫ ନାନୋମିଟର ହୋଇଥିଲା ବେଳେ କଣ୍ଟାଗୁଡିକର ଲମ୍ବ ୨୦ ନାନୋମିଟର । ଭାଇରସର ଆବରଣ ଲିପିଡର ଦୁଇଟି ସ୍ତରରେ ଗଢ଼ା । ଲିପିଡର ଏହି ସ୍ତରରେ ଝିଲ୍ଲୀ ଆବରଣ ଏବଂ କଣ୍ଟା ପ୍ରାୟ ୧:୨୦:୩୦୦ ଅନୁପାତରେ ଖଞ୍ଜା ଥାଏ । ଏକ ସାଧାରଣ କୋରୋନା ଭାଇରସର ପୃଷ୍ଠରେ ପ୍ରାୟ ୭୪ଟି କଣ୍ଟକିତ ଅଙ୍ଗ ଥାଏ । ଏହି କଣ୍ଟକିତ ଅଙ୍ଗ ଗ୍ରାହକ ଜୀବକୋଷ ସହିତ ଭାଇରସକୁ ସଂଯୋଗ କରିବାରେ ସାହାଯ୍ୟ କରେ ।

କୋରୋନା ଭାଇରସର କଣ୍ଟାର ୫ ପ୍ରୋଟିନ୍ ମୁଖ୍ୟତଃ ଦୁଇଟି ଉପାଦାନ ଯଥା ଏସ୧ ଏବଂ ଏସ୨ରେ ଗଢ଼ା । ଏହାର ଏସ୧ ଅଂଶ ହିଁ କଣ୍ଟାର ଅଗ୍ର ଯାହା ଗ୍ରାହକ ବନ୍ଧନସ୍ଥଳୀ ରୂପେ କାର୍ଯ୍ୟ କରେ । ଅନ୍ୟପକ୍ଷରେ ଏସ୨ଅଂଶଟି କାଣ୍ଡ ଭଳି କଣ୍ଟକିତ ଅଙ୍ଗକୁ ଭାଇରସର ଆବରଣ ସହିତ ଲାଖି ରହିବାରେ ସାହାଯ୍ୟ କରେ ଏବଂ ଗ୍ରାହକ କୋଷରେ ପ୍ରୋଟିନକୁ ପାଚନ କରୁଥିବା କିଛି ଏନଜାଇମ ସକ୍ରିୟ ହେବା ଦ୍ୱାରା ଗ୍ରାହକ କୋଷରେ ଭାଇରସର ସଂଯୋଗକୁ ସୁଗମ କରେ । ସେହିପରି ଇ ଏବଂ ଏମ୍ ପ୍ରୋଟିନ ଦ୍ୱୟ ଭାଇରସର ଆବରଣ ଗଠନରେ ସହାୟକ ହୁଅନ୍ତି ଏବଂ ଭାଇରସର ସ୍ୱଭାବ ସୁଲଭ ଆକୃତି ପ୍ରଦାନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି ।

ଭାଇରସର ଆବରଣ ଭିତରେ ଥିବା ନିଉକ୍ଲୀୟକାସ୍ପିଡରେ ଭାଇରସର ଜିନୀୟ ପଦାର୍ଥ କିଛି ପ୍ରୋଟିନ ଆକାରରେ ସଂଚିତ ହୋଇ ରହିଥାଏ । ଏହି ପ୍ରୋଟିନ ପ୍ରକୃତରେ ଏକକ ଶୃଙ୍ଖଳ ବିଶିଷ୍ଟ ଯୁକ୍ତାତ୍ମକ ଦିଗରେ ବିସ୍ତୃତ ଆର ଏନ୍ ଏ ଜିନୋମ୍ ରୂପରେ ଥାଏ । ଦୁଇ ପରସ୍ତ ବିଶିଷ୍ଟ ଲିପିଡର ଆବରଣ, କୋଷଝିଲ୍ଲୀର ପ୍ରୋଟିନ୍ ଏବଂ ନିଉକ୍ଲୀୟକାସ୍ପିଡ ଭାଇରସକୁ ଗ୍ରାହକ କୋଷର ବାହାରେ ସୁରକ୍ଷା ପ୍ରଦାନ କରିଥାଏ ।

**ଜିନୋମ ପ୍ରକାର :-** କୋରୋନା ଭାଇରସରେ ଯୁକ୍ତାତ୍ମକ ଦିଗରେ ଗୁଡାଯାଇଥିବା ଶୃଙ୍ଖଳା ଆର ଏନ୍ ଏ ର ଜିନୋମ୍ ଥାଏ । ଏହି ଜିନୋମରେ ୨୬.୪ ରୁ ୩୧.୭ କିଲୋବେସ ପରିମାଣର ସୂଚନା ସଂଚିତ ହୁଏ । ଆର ଏନ ଏ ଭାଇରସଙ୍କ ମଧ୍ୟରୁ କୋରୋନା ଭାଇରସର ଜିନୋମ୍ ଦୈର୍ଘ୍ୟ ଅପେକ୍ଷାକୃତ ଲମ୍ବା ।

**ଗ୍ରାହକ କୋଷରେ ପ୍ରବେଶ :-** ଭାଇରସର କଣ୍ଟକିତ ପ୍ରୋଟିନ୍ ଏହାର ସଂଗ୍ରାହୀ ଗ୍ରାହକ କୋଷର ଗ୍ରାହକ ଅଙ୍ଗ ସହିତ ସଂଯୁକ୍ତ


ହେଲେ ଯାଇ ଶରୀରରେ ସଂକ୍ରମଣ ସୂତ୍ରପାତ ହୁଏ । ଏହି ସଂଯୋଗ ଦ୍ୱାରା ଗ୍ରାହକ କୋଷରେ ପ୍ରୋଟିନର ଗଢ଼ା ଏକ ଏନଜାଇମ୍ ବିଘଟିତ ହୋଇ ଭାଇରସର କଣ୍ଟକିତ ସଂଯୋଗୀ ଅଙ୍ଗରେ ଥିବା ଏସ୍ ପ୍ରୋଟିନକୁ ସକ୍ରିୟ କରେ । ଗ୍ରାହକ କୋଷରେ ଉପଲବ୍ଧି ଏହି ଏନଜାଇମ୍ ଏହାର ବିଘଟନ ପ୍ରକ୍ରିୟା ଏବଂ ଏସ୍ ପ୍ରୋଟିନ୍ର ସକ୍ରିୟତା ଉପରେ ନିର୍ଭର କରି ଗ୍ରାହକ କୋଷର ଝିଲ୍ଲୀ ସହିତ ଭାଇରସ ଆବରଣର ସିଧାସଳଖ ସଂଯୋଗ ଦ୍ୱାରା ଭାଇରସ୍ ଗ୍ରାହକ କୋଷ ମଧ୍ୟରେ ସହଜରେ ପ୍ରବେଶ କରିଯାଏ ।

ଗ୍ରାହକ କୋଷରେ ପ୍ରବେଶ ପରେ ଭାଇରସର ଜିନୋମ୍ କୋଷର ସାଇଟ୍ରୋପ୍ଲାଜମକୁ ସ୍ଥାନାନ୍ତରିତ ହୁଏ । ଏହା ପରବର୍ତ୍ତୀ ଏକ ଜଟିଳ ପ୍ରକ୍ରିୟ ଯଥା ଜିନ୍ ପ୍ରତିଲିପୀକରଣ ଓ ଜିନ୍ ନକଲୀକରଣ ଦ୍ୱାରା ଜିନ ପରିପ୍ରକାଶ ଜରିଆରେ ଗ୍ରାହକ କୋଷରେ ଭାଇରସର ଗାଠନିକ ପ୍ରୋଟିନ୍ କଣିକାମାନ ଯଥା ଏସ, ଇ ଏବଂ ଏମ୍ ସଂଶ୍ଳେଷିତ ହୁଏ ଯାହା ଘଟଣାକ୍ରମେ ସଂଯୋଜିତ ହୋଇ ପୂର୍ଣ୍ଣାଙ୍ଗ ଅପତ୍ୟ ଭାଇରସମାନ ସୃଷ୍ଟି ହୁଅନ୍ତି । ଏହି ଭାଇରସ ସବୁ ପରବର୍ତ୍ତୀ ସମୟରେ ଗ୍ରାହକ ଶରୀରର ଅନ୍ୟ କୋଷକୁ ସଂକ୍ରମିତ ହୁଅନ୍ତି ।

**ସଂକ୍ରମଣ :-** ସଂକ୍ରମିତ ବାହକମାନେ ଭାଇରସକୁ ପଦାକୁ ନିଷ୍କ୍ରାନ୍ତ କରି ରୋଗର ବିସ୍ତାର ଦିଗରେ ସହାୟକ ହୁଅନ୍ତି । କୋରୋନା ଭାଇରସର କଣ୍ଟକିତ ଅଙ୍ଗର ଗ୍ରାହକ କୋଷର ପରିପୂରକ ଅଙ୍ଗ ସହିତ ପାରସ୍ପରିକ ପ୍ରତିକ୍ରିୟା ଉପରେ ନିର୍ଭର କରି ଏହା ସଂକ୍ରମିତ କରୁଥିବା କୋଷର ପ୍ରକାର, ସଂକ୍ରମଣର ମାତ୍ରା ଏବଂ ସଂକ୍ରମିତ କରୁଥିବା ପ୍ରଜାତି ନିର୍ଦ୍ଧାରିତ ହୁଏ । କୋରୋନା ଭାଇରସ ମୁଖ୍ୟତଃ କୋଷ ବାହାରପଟରେ ଥିବା ଏପିଥେଲିଆଲ କୋଷକୁ ଟାର୍ଗେଟ କରିଥାଏ । କୋରୋନା ଭାଇରସର ପ୍ରଜାତି ଉପରେ ନିର୍ଭର କରି ସଂକ୍ରମଣ ଗୋଟିଏ ବାହକରୁ ଅନ୍ୟ ଜଣେ ବାହକଙ୍କୁ ସାଧାରଣତଃ ଏରୋସଲ କଣିକା କିମ୍ବା ମଳ ମୁହଁ ମାର୍ଗ ଜରିଆରେ ବ୍ୟାପିଥାଏ ।

ମଣିଷକୁ ସଂକ୍ରମଣ କରୁଥିବା କୋରୋନା ଭାଇରସ ସାଧାରଣତଃ ଶ୍ୱାସନଳୀର ଏପିଥେଲିଆଲ କୋଷକୁ ସଂକ୍ରମିତ କରୁଥିଲା ବେଳେ ଜୀବଜନ୍ତୁଙ୍କୁ ସଂକ୍ରମିତ କରୁଥିବା ଭାଇରସ ପ୍ରଜାତି ପରିପାକ ବ୍ୟବସ୍ଥାର ଖାଦ୍ୟନଳୀର ଏପିଥେଲିଆଲ କୋଷକୁ ସଂକ୍ରମିତ କରିଥାଏ । ଉଦାହରଣ ସ୍ୱରୂପ, ସାରସ୍ କୋରୋନା ଭାଇରସ୍ ସାଧାରଣତଃ ଏରୋସଲ ମାର୍ଗ ଦେଇ ପ୍ରବେଶ କରୁଥିଲା ବେଳେ ମଣିଷକୁ ସଂକ୍ରମିତ କରୁଥିବା ପ୍ରଜାତି ଫୁସଫୁସର ଏପିଥେଲିଆଲ କୋଷରେ ଥିବା ଏନଜିଓଟେନସିନ କନଭରଟିଙ୍ଗ ଏନଜାଇମ୍ ୨ ଗ୍ରାହକ ଉପାଦାନ ସହିତ ବନ୍ଧନ ଦ୍ୱାରା ପ୍ରବେଶ କରିଥାଏ । ସେହିପରି, ଘୁଷୁରିକୁ ସଂକ୍ରମଣ କରୁଥିବା ଟିଜିଇଭି ମଳ ଓ ମୁହଁ ମାର୍ଗ ଦେଇ ଏହାର ପରିପାକ ବ୍ୟବସ୍ଥାର ଏପିଥେଲିଆଲ କୋଷର ଗ୍ରାହକ ଉପାଦାନ ସହିତ ବନ୍ଧନ ଦ୍ୱାର ସଂକ୍ରମଣ ପ୍ରସାର କରିଥାଏ ।

*ଏଜୁକେଶନ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*



ଯାହାର ଦିବ୍ୟଜ୍ଞାନ ସ୍ଫୁରେ । ମୋର ମହିମା ସେ ସୁମରେ ।।

ଆମ ସ୍ୱାସ୍ଥ୍ୟ

# ଆୟୁର୍ବେଦ ଚିକିତ୍ସାରେ ବ୍ରାହ୍ମୀ

ଡାକ୍ତର ପୁଷ୍ପଲତା ମହାନ୍ତ

**ପରିଚୟ :-**

ଆୟର୍ବେଦ ମଣିଷ ଜୀବନର ସ୍ଥିତି ଓ ସଂଘତି, ସୁସ୍ଥ ସମାଜ ପରିକଳ୍ପନାର ବିସ୍ତୃତ ଅନୁଭୂତି, ଅନୁଭୂତିକୁ ନେଇ ଆୟୁର୍ବେଦ ଆଜି ନୁହେଁ କେଉଁ ଏକ ଅଜଣା ସମୟରୁ ମାନବ ସଭ୍ୟତା ସହିତ ରହିଆସିଥିଲା ଏବେ ମଧ ରହିଛି ଏବଂ ଭବିଷ୍ୟତରେ ରହିବାର ସମ୍ଭାବନାକୁ ଏଡେଇ ଦିଆଯାଇ ନ ପାରେ । ଭଗବାନଙ୍କ ସୃଷ୍ଟିରେ ସଂସାରରେ ଏମିତି କୌଣସି ବୃକ୍ଷଲତା ନାହିଁ ଯାହାର ଔଷଧୀୟ ଗୁଣ ନାହିଁ ।

ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ପରିସ୍ଥିତିରେ ଏ ମଣିଷ ସମାଜ ପାଇଁ ଆହ୍ୱାନ ଆୟୁର୍ବେଦ ଶାସ୍ତ୍ରର ସ୍ୱତନ୍ତ୍ର ଆବିଷ୍କାର "ବ୍ରାହ୍ମୀ" ।

**ଔଷଧୀୟ ଗୁଣ :-**

**ମସ୍ତିଷ୍କ** - ୩-୪ଟି କଞ୍ଚାପତ୍ର ଚୋବାଇ ଖାଇଲେ ଶରୀର ସୁସ୍ଥ ଓ ସ୍ମୃତିଶକ୍ତି ବୃଦ୍ଧି ହୋଇଥାଏ । ଏହା ୧୦ ବର୍ଷରୁ ଉର୍ଦ୍ଧ୍ୱ ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ୧୦ ବର୍ଷରୁ କମ ପିଲା ନିମନ୍ତେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ।

**ଅବସାଦ** - ବ୍ରହ୍ମୀ ଏକ ଚାମଚ ସକାଳୁ ଖାଲି ପେଟରେ ସେବନ କଲେ ଉପଶମ ମିଳିଥାଏ ।

**ଦରଜ, ବିନ୍ଧା, ଫୁଲା ବା ରକ୍ତ୍ମା** - ୨-୩ଟି ବ୍ରାହ୍ମୀ ପତ୍ରକୁ ନେଇ ତାହାକୁ ହାତରେ ମକଚି ଉଭୟ ପତ୍ର ଏବଂ ରସକୁ ଦରଜ, ବିନ୍ଧା, ଫୁଲା ବା ରକ୍ତ୍ମା ସ୍ଥାନରେ ହାଲୁକା ଭାବରେ ମାଲିସ କଲେ ଉପଶମ ମିଳିଥାଏ ।

**ପୋଷକ ତତ୍ତ୍ୱ** - ବ୍ରାହ୍ମୀର ରସକୁ ସର୍ବତ କରି ପିଇଲେ ଶରୀରର ଦରକାରୀ ପୋଷକ ତତ୍ତ୍ୱ ମିଳିଥାଏ, ଯାହାକି ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି କରିଥାଏ ।

**ଶ୍ୱାସ, କାଶ ଓ ଥଣ୍ଡା** - ସପ୍ତାହରେ ଦୁଇଥର ବ୍ରାହ୍ମୀ ପତ୍ରକୁ ଫୁଟାଇ ସେଥିରେ ଅଳ୍ପ ମହୁ ମିଶାଇ ଚା ପରି ଛୋଟ କପରେ ଅଧ କପ ସେବନ କଲେ ଶ୍ୱାସ, କାଶ ଓ ଥଣ୍ଡା ଆଦି ସମସ୍ୟାରୁ ଉପଶମ ମିଳିଥାଏ ।

**ଚର୍ମରୋଗ** - ବ୍ରାହ୍ମୀ ପତ୍ରକୁ ହଳଦୀ ସହିତ ବାଟି ସପ୍ତାହରେ ଥରେ ଦେହରେ ଲଗାଇଲେ ଉପଶମ ମିଳିଥାଏ, ଯଦି ଚର୍ମରୋଗ ଭଲ ହୋଇସାରିବା ପରେ ମଧ ଦେହରେ ଦାଗ ରହିଯାଇଥାଏ ତେବେ ବ୍ରାହ୍ମୀ ପତ୍ର ଓ ହଳଦୀ ବାଟି ସପ୍ତାହରେ ଦୁଇଥର ଲଗାଇଲେ ଚର୍ମରୋଗର ଦାଗ ଲିଭିଯାଇଥାଏ ।

*ବିଭିନ୍ନ ରୋଗରେ ବ୍ରାହ୍ମୀର ପ୍ରୟୋଗ -*

୧. ପ୍ରତିଦିନ ସକାଳୁ ୫ଟି ବ୍ରାହ୍ମୀ ପତ୍ର ଖାଲି ପେଟରେ ଚୋବାଇ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ।

୨. ବ୍ରାହ୍ମୀ ପତ୍ର ରସ ସହିତ ମହୁ ମିଶାଇ ପ୍ରତିଦିନ ସେବନ କଲେ ଉନ୍ମାଦ ରୋଗରୁ ମୁକ୍ତି ମିଳିଥାଏ ।

୩. ବ୍ରାହ୍ମୀ ପତ୍ର ଘିଅରେ ଭାଜି ସେବନ କଲେ ବସିଯାଇଥିବା ତଣ୍ଟି ଫିଟିଯାଇଥାଏ ଓ ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ ।

୪. ଗଳା ବସିଯାଇଥିଲେ ବା କାଶ ହେଉଥିଲେ ବ୍ରାହ୍ମୀ ରସ ସହିତ ଗୋଲମରିଚ ଗୁଣ୍ଡ ଓ ମହୁ ମିଶାଇ ସେବନ କଲେ ଉପଶମ ମିଳିଥାଏ ।

୫. ଅତ୍ୟଧିକ ମାନସିକ ପରିଶ୍ରମ ଓ ରକ୍ତହୀନତା ହୋଇ ମସ୍ତିଷ୍କ କମଜୋର ହେଲେ ୧୫୦ ଶୁଦ୍ଧ ବ୍ରାହ୍ମୀ ରସକୁ ନଡିଆ ତେଲରେ ପାକ କରି ସେହି ତେଲକୁ ମୁଣ୍ଡରେ ମାଲିସ କଲେ ଉପଶମ ମିଳିଥାଏ ।

୬. ୨୫ଟି ବ୍ରାହ୍ମୀ ପତ୍ରକୁ ବାଟି ସର୍ବତ କରି ପ୍ରତିଦିନ ସକାଳୁ ଥରେ ସେବନ କଲେ କାମଳ ରୋଗ ଭଲ ହୋଇଥାଏ ।

୭. ବ୍ରାହ୍ମୀ ପତ୍ର ରସରେ ମହୁ ମିଶାଇ ସେବନ କଲେ ଥଣ୍ଡା, କାଶ ଭଲ ହୋଇଥାଏ ଏବଂ ପ୍ରତିଦିନ ଖାଲି ପେଟରେ ଏହାର ରସ ସେବନ କଲେ ରକ୍ତ ପରିଷ୍କାର ହୋଇଥାଏ ।

୮. କଟା ଘା ବା ଯେ କୌଣସି ଘା ଶୀଘ୍ର ଶୁଖୁ ନ ଥିଲେ ବ୍ରାହ୍ମୀ ପତ୍ରକୁ ବାଟି ସେହି ସ୍ଥାନରେ ଲଗାଇ ପଟି ବାନ୍ଧି ଦେଲେ ତାହା ଶୁଖି ଯାଇଥାଏ ।

୯. ବ୍ରାହ୍ମୀ ପତ୍ରକୁ ଛେଚି ରସ ବାହାର କରି ଅଳ୍ପ ମହୁ ମିଶାଇ ସେବନ କଲେ ପିଲାମାନେ ଚତୁର ହୋଇଥାନ୍ତି, ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ, ଅପସ୍ମାର, ଉନ୍ମାଦ, ମସ୍ତିଷ୍କ ବିକୃତି, ମଧୁମେହ, ପ୍ରମେହ ଆଦି ରୋଗରୁ ଉପଶମ ମିଳିଥାଏ ।

୧୦. ବ୍ରାହ୍ମୀ ପତ୍ର ରସରେ ଗୋଦୁଗ୍ଧ ମିଶାଇ ସେବନ କଲେ ସ୍ୱରଭଙ୍ଗ, କାଶ, ଶ୍ୱାସ, ଯକ୍ଷ୍ମା, ବ୍ରଣ ଓ ବାଗି ଇତ୍ୟାଦିରୁ ଉପଶମ ମିଳିଥାଏ ।

୧୧. ବ୍ରାହ୍ମୀର ପତ୍ରକୁ ଗାଈ ଘିଅରେ ଭାଜି ସେବନ କଲେ ସ୍ମରଣ ଶକ୍ତି ବୃଦ୍ଧି ହୁଏ ଏବଂ କଣ୍ଠ ସ୍ୱର ମଧୁର ହୋଇଥାଏ, ପେଟର ଅନେକ ବିକାର ଯଥା - ଶୂଳ, ଉଦରାମୟ, ମେହ, ପ୍ରମେହ ଇତ୍ୟାଦି ରୋଗରୁ ଉପଶମ ମିଳିଥାଏ ।

୧୨. ଏହାର ରସ ସହିତ ଅଳ୍ପ ଶ୍ୱେତଗନ୍ଧା ଚୂର୍ଣ୍ଣ ମିଶାଇ ୧୫ ଦିନ ସେବନ କଲେ ଶରୀର ଅତ୍ୟନ୍ତ ସୁନ୍ଦର ଓ ସମସ୍ତ ପ୍ରକାରର ଚର୍ମରୋଗ ନିବାରଣ ହୋଇ ଦେହରେ କାନ୍ତି ବୃଦ୍ଧି ହୋଇଥାଏ ।

୧୩. ଏହି ପତ୍ରକୁ ଉଷ୍ମଜଳରେ ବାଟି ପ୍ରସବ ଯନ୍ତ୍ରଣାରେ ଥିବା ସ୍ତ୍ରୀଲୋକର ଦୁଇ ହାତ ପାପୁଲି ଓ ପାଦରେ ଲେପ ଦେଲେ ସେହି ସ୍ତ୍ରୀଲୋକର ଶୀଘ୍ର ପ୍ରସବ ହୋଇଯାଇଥାଏ ।

୧୪. ଏହାର ରସ ସହିତ ଯଷ୍ଟିମଧୁ ଚୂର୍ଣ୍ଣ ଓ ମହୁ ମିଶାଇ ସେବନ କଲେ ୧୫ ଦିନ ପରେ ଜଣେ ବ୍ୟକ୍ତି ପ୍ରଧାନ ଜ୍ଞାନବନ୍ତ ହୋଇପାରିବ ଓ ସେହି ବ୍ୟକ୍ତିର କଣ୍ଠସ୍ୱର ମଧୁର, ଦୃଷ୍ଟିଶକ୍ତି ବୃଦ୍ଧି ଓ ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ ।

୧୫. ଏହି ରସରେ ମିଶ୍ରି ମିଶାଇ ପ୍ରତିଦିନ ସେବନ କଲେ ଶିର ପୀଡା ନିବାରଣ ହୋଇଥାଏ ।

*ଦିଶା ଆୟୁର୍ବେଦ ଓ ପଞ୍ଚକର୍ମ ହସ୍ପିଟାଲ*

*ଇଫକୋ ଛକ, ପାରାଦ୍ୱୀପ*

## ନିଜ ଭାଷା ପାଇଁ ଗର୍ବ

ସ୍ୱାମୀ ବିବେକାନନ୍ଦଙ୍କ ଶିଷ୍ୟ ଥିଲେ ଭଗିନୀ ନିବେଦିତା । ଥରେ ସେ ମେଦିନୀପୁରଠାରେ ଭାଷଣ ଦେଉଥିଲେ । ସମସ୍ତେ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲେ । କିଛି ଯୁବକ ହିପ ହିପ୍ ହୁରେ ଧ୍ୱନି ମଧ ଦେଉଥାନ୍ତି । ଭଗିନୀ ନିବେଦିତା ଭାଷଣ ମଝିରେ ଅଟକି ସେମାନଙ୍କୁ ଶାସନ କରିବା ଢଙ୍ଗରେ କହିଲେ, "ଶାନ୍ତ ହୁଅ । ତୁମକୁ ଲଜ୍ଜା ଲାଗିବା ଦରକାର । ନିଜ ଭାଷା ପାଇଁ କ'ଣ ଏତେ ଟିକେ ଗର୍ବ ନାହିଁ ତୁମ ମନରେ ? ତୁମ ପିତା କ'ଣ ଇଂରେଜ ଥିଲେ ? ତୁମ ମାତା କ'ଣ ଗୋରା ଚମଡାବାଲୀ ୟୁରୋପ ଦେଶୀୟ । ଇଂରେଜମାନଙ୍କୁ ନକଲ କରିବା କ'ଣ ତୁମକୁ ଶୋଭାପାଏ ?" ଏହା ଶୁଣି ଯୁବକମାନେ ସ୍ତବ୍ଧ ହୋଇଗଲେ । ସମସ୍ତଙ୍କ ମୁହଁ ତଳକୁ ହୋଇଗଲା । ନିବେଦିତା ପୁଣି କହିଲେ, "ଭାଷଣର କୋଉ କଥା ଯଦି ଭଲ ଲାଗେ ଏବଂ ପ୍ରସନ୍ନତାପୂର୍ବକ ଭାଷଣ ଦେବାର ଯଦି ଅବସର ମିଳେ ତେବେ ନିଜ ଭାଷାରେ ହିଁ କୁହ ସଚ୍ଚିଦାନନ୍ଦ ପରମାତ୍ମାଙ୍କର ଜୟ, ଭାରତମାତାଙ୍କର ଜୟ, ସଦଗୁରୁଙ୍କର ଜୟ ।" ଯୁବକମାନେ ସଙ୍ଗେ ସଙ୍ଗେ ସେହି ନିର୍ଦ୍ଦେଶକୁ ପାଳନ କଲେ ।

ସ୍ୱଚ୍ଛ ଦୁନିଆ ମଧ୍ୟେ ଆମ ଦେଶ ପାଇବ ସର୍ବାଗ୍ରେ ଭାଗ ।

ଯୋଗ ବିଜ୍ଞାନ

# ପୂର୍ଣ୍ଣଶଲଭାସନ

■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

**ଆ**ଜିର ବ୍ୟସ୍ତ ବହୁଳ ଜୀବନ ଓ ସମାଜ ଜୀବନ ମଧ୍ୟରେ ଯୋଗ ହିଁ ଭାରସାମ୍ୟ ରକ୍ଷା କରୁଅଛି । ବ୍ୟକ୍ତିଗତ ଉପକାର ସହ ଯୋଗ ସମାଜରୁ ସମସ୍ତ ଦୁଃଖ କଷ୍ଟ ଦୂର କରିବାର ଏକ ଉତ୍ତମ ଉପାୟ । ଆଜି ଯେତେବେଳେ ସମଗ୍ର ବିଶ୍ୱ ପରାଭବର ସମ୍ମୁଖୀନ, ଅତୀତର ମୂଲ୍ୟବାନ ସଂସ୍କୃତି ଓ ଜ୍ଞାନବିଜ୍ଞାନକୁ ପରିତ୍ୟାଗ କରି ନୂତନ ଦିଗ୍‌ଦର୍ଶନରେ ସମ୍ପୂର୍ଣ୍ଣ ବିଫଳ, ଯୋଗ ହିଁ ଏକମାତ୍ର ମାର୍ଗ ଯାହାକି ମନୁଷ୍ୟକୁ ନିଜର ପ୍ରକୃତ ପରିଚୟ ପାଇବାରେ ସାହାଯ୍ୟ କରିପାରିବ । ଯୋଗ କେବଳ ଶରୀରକୁ ସୁସ୍ଥ ରଖିବାର ଏକ ବ୍ୟାୟାମ ଶୃଙ୍ଖଳା ନୁହଁ ବରଂ ବାହ୍ୟ ଓ ଅନ୍ତର୍ନିହିତ ଚେତନା ସମନ୍ୱୟର ଏକ ନୂଆ ଜୀବନଦର୍ଶନର ମାର୍ଗ ଅଟେ । ଆସନ୍ତୁ ତେବେ ଏହି ଯୋଗ ନିକଟରେ ଶରଣ ପଶିବା, ଯୋଗକୁ ଅଭ୍ୟାସ କରିବା ଓ ନୀରୋଗ ରହିବା ।

**ପୂର୍ଣ୍ଣଶଲଭାସନ-(ବିଧି)**

୧- ପେଟ ତଳକୁ କରି ଶୋଇଯାଆନ୍ତୁ ।

୨- ଦୁଇ ହାତକୁ ଦୁଇ ଜଙ୍ଘ ତଳେ, ପାପୁଲି ତଳକୁ କରି ରଖନ୍ତୁ ।

୩- ଶ୍ୱାସ ନେବା ସହ, ଦୁଇ ଗୋଡ଼ ଉପରକୁ ଉଠାନ୍ତୁ ।

୪- ଯେପରି ଆଣ୍ଠୁ ବଙ୍କା ନ ହୁଏ ।

୫- ଥୋଡ଼ି ଭୂମି ଉପରେ ଲାଗି ହୋଇରହିବ ।

୬- ସଂପୂର୍ଣ୍ଣ ଶରୀର ଉପରକୁ ରହିବ ।

୭- ୧୦ ରୁ ୪୦ ସେକେଣ୍ଡ ପର୍ଯ୍ୟନ୍ତ ପୂର୍ଣ୍ଣ ସ୍ଥିତିରେ ରହିବା ପରେ ପୂର୍ବ ସ୍ଥିତିକୁ ଧୀରେ ଧୀରେ ଫେରି ଆସନ୍ତୁ ।

**ଲାଭ-**

୧- ମେରୁଦଣ୍ଡ ଜନିତ ସମସ୍ତ ରୋଗ ଭଲ ହୋଇଥାଏ ।

୨- ଗଳା ଗ୍ରନ୍ଥି, ବେକ, ସ୍କନ୍ଧ ଜନିତ ସମସ୍ୟା ଦୂରୀଭୂତ ହୁଏ ।

୩- ଶରୀରର ପୃଷ୍ଠଭାଗ ମାଂସପେଶୀ ସୁଦୃଢ଼ ହୁଏ ।

୪- ବକ୍ଷ ପ୍ରଦେଶ ସଂପ୍ରସାରିତ ହୁଏ ।

୫- ଫୁସ୍‌ଫୁସ୍ ଏବଂ ହୃଦୟ ସବଳ ହୁଏ ।

୬- ମୁଖମଣ୍ଡଳର ପରିଷ୍କରଣ ହୁଏ । ତ୍ୱଚା ସଫା ରହେ ।


୭- ମୁହଁରେ ଥିବା ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର ଶୋଧନ କ୍ରିୟା ହୁଏ ।

୮- ସର୍ବାଇକାଲ ଓ ସ୍ପାଣ୍ଡାଲାଇଟିସ୍‌ର ଉପଶମ ମିଳିଥାଏ ।

ଏଣୁ ଆସନ୍ତୁ ଯୋଗ କରିବା ନୀରୋଗ ରହିବା ।

"କରୋ ଯୋଗ ରହୋ ନୀରୋଗ ।"

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*



ପୁଣ୍ୟ, ପୂତ ଆମ ଭାରତ ଭୂଇଁ, ଆବର୍ଜନା ତା'କୁ କରିବା ନାଇଁ ।

# ଆମ ପ୍ରଶ୍ନ ତୁମ ଉତ୍ତର

୧. ଇକ୍ଷ୍ୱାକୁ ବଂଶର ରାଜା ବୃହଦ୍ରଥଙ୍କ ପିତାଙ୍କ ନାମ କ'ଣ ?

୨. କେଉଁ ଅମାବାସ୍ୟା ତିଥିରେ ମା' ବିରଜା ଦେବୀଙ୍କର ସ୍ୱନକ୍ଷତ୍ର ପାଳିତ ହୁଏ ?

୩. ମା' ବିରଜା ଦେବୀଙ୍କ କ୍ଷେତ୍ର କେଉଁ କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଛି ?

୪. ଗଣତନ୍ତ୍ର + ଇକ = ...................... ?

୫. ଆଧ୍ୟାତ୍ମିକ ଶବ୍ଦର ବିଶେଷ୍ୟ ପଦ କ'ଣ ?

୬. ହୃଷୀକ + ଈଶ = ..................... ?

୭. ଠାକୁର ଅଭିରାମ ପରମହଂସ କେଉଁ ତିଥିରେ ଜନ୍ମଗ୍ରହଣ କରିଥିଲେ ?

୮. ମହୀମଣ୍ଡଳ ଗୀତାର ରଚୟିତା କିଏ ?

୯. ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଜୟନ୍ତୀକୁ କେଉଁ ଦିବସ ଭାବେ ପାଳନ କରାଯାଏ ?

୧୦. ଅନ୍ତର୍ଜାତୀୟ ମାତୃଭାଷା ଦିବସ କେଉଁ ଦିନ ପାଳନ କରାଯାଏ ?

ଏହି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପଠାଇଥିବା ପ୍ରଥମ ୧୦ଜଣ ଶିଶୁ ଭାଇଭଉଣୀଙ୍କର ନାମ ଶିକ୍ଷା ସୃଜନୀରେ ପ୍ରକାଶ ପାଇବ ।

## -: ଆମ ଠିକଣା :-

ସଂଯୋଜକ ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ଦୂରଭାଷ- ୮୮୯୫୪୬୧୩୭୮/୯୯୩୭୦୨୪୦୦୨ E-mail :- shikshasrujanee@gmail.com

ଯେ ଫିଙ୍ଗିବ ଆବର୍ଜନା ଏଣେତେଣେ ବାହାରେ,

## ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ର

### ନୂତନ ପରିଚାଳନା ସମିତି ସଦସ୍ୟଙ୍କ ନାମ ତାଲିକା

ସଭାପତି - ଡା. ଲକ୍ଷ୍ମୀକାନ୍ତ ମହାରଣା
ଉପସଭାପତି - ଶ୍ରୀ ଗୋପାଳଚନ୍ଦ୍ର ହାଲଦାର
- ଶ୍ରୀ ବିଶ୍ୱନାଥ ଗରାଇ
ସମ୍ପାଦକ - ଡଃ. ସରୋଜକୁମାର ହାତୀ
ଯୁଗ୍ମ ସମ୍ପାଦକ - ଶ୍ରୀ ହେମନ୍ତକୁମାର ପାଣିଗ୍ରାହୀ
କୋଷାଧ୍ୟକ୍ଷ - ଶ୍ରୀ ରବୀନ୍ଦ୍ରକୁମାର ସାମଲ
ସଦସ୍ୟ - ଶ୍ରୀ ସାଧନକୁମାର ମଜୁମ୍‌ଦାର
- ଶ୍ରୀ ବିଜୟଗଣେଶ କୁଲକର୍ଣ୍ଣୀ
- ଡଃ. ବିନାୟକ ଦାଶ
- ଶ୍ରୀ ଚୁଲତିମ ଭୂତିଆ
- ସୁଶ୍ରୀ ପବିତ୍ରା ଦହାଲ
- ଶ୍ରୀମତୀ ସଞ୍ଚିତା କବି
- ଶ୍ରୀମତୀ ପ୍ରଭାତୀ ସାହୁ
ସଂଗଠନ ସମ୍ପାଦକ - ଶ୍ରୀମାନ ଦିବାକର ଘୋଷ

## ବିଦ୍ୟା ଭାରତୀ
## ଶିକ୍ଷା ବିକାଶ ସମିତି, ଓଡ଼ିଶା

### ନୂତନ ପରିଚାଳନା ସମିତି ସଦସ୍ୟଙ୍କ ନାମ ତାଲିକା

ସଭାପତି - ଡଃ. କିଶୋରଚନ୍ଦ୍ର ମହାନ୍ତି
ଉପସଭାପତି - ଡଃ. ପ୍ରଦୀପକୁମାର ସାହୁ
ଶ୍ରୀଯୁକ୍ତ ଲିଙ୍ଗରାଜ ଗୌଡ଼
ଶ୍ରୀମତୀ ଗାୟତ୍ରୀ ବାହିନୀପତି
ସମ୍ପାଦକ - ଶ୍ରୀଯୁକ୍ତ କମଳାକାନ୍ତ ମିଶ୍ର
ଯୁଗ୍ମ ସମ୍ପାଦକ - ଶ୍ରୀଯୁକ୍ତ ଉମେଶଚନ୍ଦ୍ର ଦାଶ
ଡଃ. ତରୁଲତା ଦେବୀ
ଡଃ. ଖଗେଶ୍ୱର ଦାଶ
ଶ୍ରୀଯୁକ୍ତ ଦୁର୍ଲଭଚରଣ ବେହେରା
କୋଷାଧ୍ୟକ୍ଷ - ଶ୍ରୀଯୁକ୍ତ ସତ୍ୟନାରାୟଣ ପଟ୍ଟନାୟକ
ସଦସ୍ୟ - ଡଃ. ବସନ୍ତକୁମାର ପଣ୍ଡା
ଶ୍ରୀଯୁକ୍ତ ପ୍ରଫୁଲ୍ଲକୁମାର ବୋଇତାଇ
ଶ୍ରୀଯୁକ୍ତ କୈଳାସଚନ୍ଦ୍ର ମହାନ୍ତ
ଡଃ. ନରୋତ୍ତମ ପରିଡ଼ା
ଶ୍ରୀମତୀ ସ୍ୱଚ୍ଛସଲିଳା ମହାପାତ୍ର
ସଂଗଠନ ସମ୍ପାଦକ - ଶ୍ରୀମାନ ରମାକାନ୍ତ ମହାନ୍ତ

# ବିଦ୍ୟା ଭାରତୀ
# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ସମ୍ଭାଗଶଃ ନୂତନ ପରିଚାଳନା ସମିତି ସଦସ୍ୟଙ୍କ ନାମ ତାଲିକା

### -: ପୂର୍ବ ସମ୍ଭାଗ :-

ସଭାପତି - ଶ୍ରୀ କୁଳମଣି ମିଶ୍ର
ସମ୍ପାଦକ - ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା
କୋଷାଧ୍ୟକ୍ଷ - ଶ୍ରୀ ରବୀନ୍ଦ୍ରକୁମାର ଦାସ
ସଦସ୍ୟା - ଶ୍ରୀମତୀ ସାନୁଜା ମେଘମାଳା
ସଦସ୍ୟା - ଶ୍ରୀମତୀ ଶ୍ରୀପଦା ମଞ୍ଜରୀ ପଟ୍ଟନାୟକ

### -: ପଶ୍ଚିମ ସମ୍ଭାଗ :-

ସଭାପତି - ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ
ସମ୍ପାଦକ - ଶ୍ରୀ ତ୍ରିବିକ୍ରମ ଶତପଥୀ
କୋଷାଧ୍ୟକ୍ଷ - ଶ୍ରୀ ଶିବପ୍ରସାଦ ବାଗ
ସଦସ୍ୟା - ଶ୍ରୀମତୀ ପ୍ରଭଞ୍ଜନୀ ପଟେଲ
ସଦସ୍ୟା - ଶ୍ରୀମତୀ ଗୁଲାପିମୟୀ ଦାଶ

### -: ଉତ୍ତର ସମ୍ଭାଗ :-

ସଭାପତି - ଶ୍ରୀ ରଞ୍ଜିତକୁମାର ଧଳ
ସମ୍ପାଦକ - ଶ୍ରୀ ଗଙ୍ଗାଧର କର
କୋଷାଧ୍ୟକ୍ଷ - ଶ୍ରୀ ଟିକେଶ୍ୱର ମହାନ୍ତ
ସଦସ୍ୟା - ଶ୍ରୀମତୀ ସସ୍ମିତା ପୃଷ୍ଟି
ସଦସ୍ୟା - ଶ୍ରୀମତୀ ରାଜଶ୍ରୀ ମିଶ୍ର

### -: ଦକ୍ଷିଣ ସମ୍ଭାଗ :-

ସଭାପତି - ଶ୍ରୀ ରୂପସିଂ ରାଉତ
ସମ୍ପାଦକ - ଶ୍ରୀ ଶ୍ରୀଧର ଶତପଥୀ
କୋଷାଧ୍ୟକ୍ଷ - ଶ୍ରୀ ଭରତଚନ୍ଦ୍ର ବରାଳ
ସଦସ୍ୟା - ଶ୍ରୀମତୀ କବିତା ସାହୁ
ସଦସ୍ୟା - ଶ୍ରୀମତୀ ସୁକାନ୍ତି ସାଇ

### -: ଉତ୍ତର-ପୂର୍ବ ସମ୍ଭାଗ :-

ସଭାପତି - ଶ୍ରୀ ଶିବନାରାୟଣ ସିଂ
ସମ୍ପାଦକ - ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ
କୋଷାଧ୍ୟକ୍ଷ - ଶ୍ରୀ ଲଳିତେନ୍ଦୁ କାନୁନ୍‌ଗୋ
ସଦସ୍ୟା - ଶ୍ରୀମତୀ ସରୋଜିନୀ ଦେବୀ
ସଦସ୍ୟା - ଶ୍ରୀମତୀ ଇନ୍ଦୁମତୀ ଦାଶ

### -: ଦକ୍ଷିଣ-ପୂର୍ବ ସମ୍ଭାଗ :-

ସଭାପତି - ଡଃ. ତାରାପ୍ରସାଦ ଦାଶ
ସମ୍ପାଦକ - ଶ୍ରୀ କିରଣକୁମାର ପାଢ଼ୀ
କୋଷାଧ୍ୟକ୍ଷ - ଶ୍ରୀ ଜ୍ୟୋତିରଞ୍ଜନ ବିଶୋଇ
ସଦସ୍ୟା - ଶ୍ରୀମତୀ ଗୀତାରାଣୀ ମିଶ୍ର
ସଦସ୍ୟା - ଶ୍ରୀମତୀ କେ. ପୁଷ୍ପାଞ୍ଜଳି ଦାସ

ସୁସ୍ଥ ରହିବାକୁ ଯଦି ଇଚ୍ଛା କର, ଦେହ, ମନ ଆଗେ କର ପରିଷ୍କାର ।

## -: ପୂର୍ବୋତ୍ତର ସମ୍ଭାଗ :-

ସଭାପତି - ଶ୍ରୀ ଅମୂଲ୍ୟପ୍ରସାଦ ନାୟକ
ସମ୍ପାଦକ - ଶ୍ରୀ ମୁକ୍ତେଶ୍ୱର ସେଠୀ
କୋଷାଧ୍ୟକ୍ଷ - ଶ୍ରୀ ସରୋଜକୁମାର ଓଝା
ସଦସ୍ୟା - ଶ୍ରୀମତୀ ଜେନାମଣୀ ସେଠୀ
ସଦସ୍ୟା - ଶ୍ରୀମତୀ ରୀଜାଞ୍ଜଳି ଜେନା


## -: ଦକ୍ଷିଣ-ପଶ୍ଚିମ ସମ୍ଭାଗ :-

ସଭାପତି - ଶ୍ରୀ ବେଲାରସିଂ ଭୋଇ
ସମ୍ପାଦକ - ଶ୍ରୀ ଗୟାଧର ମହାନ୍ତି
କୋଷାଧ୍ୟକ୍ଷ - ଶ୍ରୀ ଦତ୍ତାନନ୍ଦ ପଣ୍ଡା
ସଦସ୍ୟା - ଶ୍ରୀମତୀ କସ୍ତୁରୀ ରଥ
ସଦସ୍ୟା - ଶ୍ରୀମତୀ ଝଟକାନ୍ତି ପଟେଲ

## -: ମଧ୍ୟ ସମ୍ଭାଗ :-

ସଭାପତି - ଶ୍ରୀ ପରେଶଚନ୍ଦ୍ର ପଟ୍ଟନାୟକ
ସମ୍ପାଦକ - ଶ୍ରୀ ସନ୍ତୋଷକୁମାର ପୃଷ୍ଟି
କୋଷାଧ୍ୟକ୍ଷ - ଶ୍ରୀ ଅଶୋକକୁମାର ପାଣିଗ୍ରାହୀ
ସଦସ୍ୟା - ଶ୍ରୀମତୀ ସଂଯୁକ୍ତା ବେବର୍ତ୍ତା
ସଦସ୍ୟା - ଶ୍ରୀମତୀ ମଧୁମିତା ସାହୁ





**ସମ୍ବାଦ ଚୁମ୍ବକେ ଚୁମ୍ବକେ**

# ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଡଃ. ଶ୍ୟାସସୁନ୍ଦର ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

କଟକ – ତା ୧୭/୦୩(ଆ.ପ୍ର.) ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରାକ୍ତନ ଅଧ୍ୟକ୍ଷ, ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ତଥା ପ୍ରାଧ୍ୟାପକ ଡଃ. ଶ୍ୟାମସୁନ୍ଦର ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ବାଦାମବାଡ଼ି ଓଲଡ଼ ଏଲ.ଆଇ.ସି. କଲୋନୀସ୍ଥିତ କମ୍ୟୁନିଟି ହଲ୍ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟା ଭାରତୀ ଅଖିଳ ଭାରତୀୟ ମନ୍ତ୍ରୀ ଡଃ. କିଶୋରଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷା ବିକାଶ ସମିତିଙ୍କ ଉପସଭାପତି ଡଃ. ବସନ୍ତକୁମାର ପଣ୍ଡା, ସଂଗଠନ ସମ୍ପାଦକ ଶ୍ରୀମାନ ରମାକାନ୍ତ ମହାନ୍ତ, ପ୍ରାନ୍ତ ନିରୀକ୍ଷକ ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ, ଉତ୍ତର-ପୂର୍ବ ସମ୍ଭାଗର ସଭାପତି ଶ୍ରୀ ଶିବନାରାୟଣ ସିଂ, ସମ୍ପାଦକ ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ, ପ୍ରାକ୍ତନ ସମ୍ପାଦକ ତଥା ପ୍ରାନ୍ତ ଆର୍ଥିକ ଟୋଲିର ସଦସ୍ୟ ଶ୍ରୀ କମଳାକାନ୍ତ ମିଶ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲୁବଜାରର ସମ୍ପାଦକ ଶ୍ରୀ କୈଳାସଚନ୍ଦ୍ର କର, ରାଷ୍ଟ୍ରଦୀପର ସମ୍ପାଦକ ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର, ଓଡ଼ିଶା ସାହିତ୍ୟ ପରିଷଦର ସମ୍ପାଦକ ଶ୍ରୀମାନ ନାରାୟଣ ନାୟକ, ସଂସ୍କୃତ ଭାରତୀର ଅଧ୍ୟକ୍ଷ ଶ୍ରୀ ନୃସିଂହଚରଣ ପଣ୍ଡା, ଶ୍ୟାମସୁନ୍ଦର ମିଶ୍ରଙ୍କ ପରିବାର ସଦସ୍ୟ ଶ୍ରୀ ଅଶୋକକୁମାର ତ୍ରିପାଠୀ, ପ୍ରାନ୍ତ ବିଦ୍ୟା ମନ୍ଦିର ସଂଯୋଜକ ଶ୍ରୀ କୈଳାସଚନ୍ଦ୍ର ମିଶ୍ର, ପ୍ରାନ୍ତ ପତ୍ରିକା ପ୍ରମୁଖ ଶ୍ରୀ ମନୋଜରଞ୍ଜନ ସେଠୀ, ପ୍ରକାଶନ ପ୍ରମୁଖ ଶ୍ରୀ ଚିନ୍ମୟରଞ୍ଜନ ଶତପଥୀ, ଉତ୍ତର ପୂର୍ବ ସମ୍ଭାଗର ସଂଯୋଜକ ଶ୍ରୀ ମଧୁସୂଦନ ବାରିକ, କଟକ ବିଭାଗ ନିରୀକ୍ଷକ ଶ୍ରୀ ବିଭୂତିଭୂଷଣ ପାଇକରାୟ, ଉତ୍ତର-ପୂର୍ବ ସମ୍ଭାଗର ପତ୍ରିକା ପ୍ରମୁଖ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲୁବଜାରର ପ୍ରଧାନାଚାର୍ଯ୍ୟ ଶ୍ରୀ ପ୍ରତାପ ମହାପାତ୍ରଙ୍କ ସମେତ ବହୁ ଶିକ୍ଷାବିତ୍ ଯୋଗ ଦେଇଥିଲେ । ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ତରଫରୁ ସ୍ୱର୍ଗତ ଶ୍ୟାମସୁନ୍ଦର ମିଶ୍ରଙ୍କ ପରିବାରକୁ ଶ୍ରଦ୍ଧାଞ୍ଜଳି ପତ୍ରକ ଅର୍ପଣ କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ହୋଇପାରି ନ ଥିଲେ ମଧ୍ୟ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୂର୍ବ କ୍ଷେତ୍ର କାର୍ଯ୍ୟବାହ ଶ୍ରୀଯୁକ୍ତ ଗୋପାଳ ପ୍ରସାଦ ମହାପାତ୍ର, ବିଦ୍ୟା ଭାରତୀ ସହ ସଂଗଠନ ମନ୍ତ୍ରୀ ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର ସମ୍ପାଦକ ଡଃ. ସରୋଜକୁମାର ହାତୀ, ରାଷ୍ଟ୍ରଦୀପ ପୂର୍ବତନ ସମ୍ପାଦକ ଶ୍ରୀ ବିପିନବିହାରୀ ରାଉତ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସମ୍ପାଦକ ଡା. ଲକ୍ଷ୍ମୀକାନ୍ତ ମହାରଣା ଶୋକବାର୍ତ୍ତା ପ୍ରେରଣ କରିଥିଲେ । ଶେଷରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ଶ୍ୟାମସୁନ୍ଦର ମିଶ୍ରଙ୍କ ଆତ୍ମଜୀବନୀ ପ୍ରକାଶ କରିବା ନିମନ୍ତେ ମତ ପ୍ରକାଶ ପାଇଥିଲା ।

ସମସ୍ତଙ୍କ ଘରେ ରହୁ ନିଶ୍ଚେ ଏକ କୁଣ୍ଡ, ଯେଉଁଥିରେ ଆବର୍ଜନା ହେବେ ସବୁ ରୁଣ୍ଡ ।



ଶିକ୍ଷାସୃଜନୀ ପ୍ରତ୍ରିକାର ମୁଖ୍ୟ ସମ୍ପାଦକ ସ୍ୱର୍ଗତ ଡ଼. ଶ୍ୟାମସୁନ୍ଦର ମିଶ୍ରଙ୍କ ଶେଷ ଦର୍ଶନରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଂଗଠନ ସମ୍ପାଦକ ଏବଂ କାର୍ଯ୍ୟକର୍ତ୍ତାଗଣ ।

May - 2021

RNI - Reg. No : ODIODI/2012/51053



ସ୍ୱତନ୍ତ୍ର ବୀର ସାବରକରଙ୍କ ପବିତ୍ର ଜୟନ୍ତୀ ସ୍ମରଣେ

(୨୮-ମେ-୧୮୮୩)

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10